ଆଜି - ବୁଧବାର
ତାରିଖ - ୦୮ ଜୁଲାଇ ୨୦୨୬
ମାସ - ମିଥୁନ, ଦିନ - ୨୪
ତିଥି - ଅଷ୍ଟମୀ , ପକ୍ଷ- କୃଷ୍ଣ
ନକ୍ଷତ୍ର - ରେବତୀ, ମୀନ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୭: ୦୦
ସୂର୍ଯ୍ୟାସ୍ତ - ୬ : ୨୭: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition **AJIKALI** ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଜଣେ ନିଜେ ଠିକ୍ ଥିଲେ ତାଙ୍କୁ ନିନ୍ଦା କି ପ୍ରଶଂସା, କିଛିହେଲେ ବିଚଳିତ କରି ପାରିବ ନାହିଁ, କାରଣ ସେ କ'ଣ, ତାହା ସେ ଜାଣିଥିବେ ।"
- ମଦର ଟେରେସା


E-News : www.Ajikali epaper.com

Vol.- 41 ISSUE- 85 R.N.I. REGD. No. 44026/86 ବାଲେଶ୍ୱର ୦୮ ଜୁଲାଇ ୨୦୨୬ ବୁଧବାର BALASORE 08 JULY 2026 WEDNESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ଇଣ୍ଡୋନେସିଆ ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ : ଇଣ୍ଡୋନେସିଆ ଗସ୍ତର ଏକ ଅଂଶ ସ୍ୱରୂପ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆଜି ଇସ୍ତାନା ମେରଡେକା (ଇଣ୍ଡୋନେସିଆର ରାଷ୍ଟ୍ରପତି ଭବନ) ଠାରେ ଇଣ୍ଡୋନେସିଆ ଗଣରାଜ୍ୟର ରାଷ୍ଟ୍ରପତି ମହାମହିମ ଶ୍ରୀ ପ୍ରବୋୱୋ ସୁବିଆନ୍ତୋଙ୍କ ଦ୍ୱାରା ସ୍ନେହପୂର୍ଣ୍ଣ ସ୍ୱାଗତ କରାଯାଇଥିଲା ଏବଂ ଏକ ଔପଚାରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଭାରତର ୭୬ତମ ଗଣତନ୍ତ୍ର ଦିବସ ପାଳନର ମୁଖ୍ୟ ଅତିଥି ଭାବେ ଜାନୁଆରୀ ୨୦୨୫ରେ ରାଷ୍ଟ୍ରପତି ପ୍ରବୋୱୋଙ୍କ ଭାରତ ଗସ୍ତ ପରଠାରୁ ଦୁଇ ନେତାଙ୍କ ମଧ୍ୟରେ ଏହା ପ୍ରଥମ ସାକ୍ଷାତ ଥିଲା । ଦୁଇ ନେତା ସୀମିତ ଏବଂ ପ୍ରତିନିଧି ଦଳ ସ୍ତରୀୟ ଉଭୟ ଫର୍ମାଟରେ ଆନୁଷ୍ଠାନିକ ଆଲୋଚନା କରିଥିଲେ । ସେମାନେ ବାଣିଜ୍ୟ ଏବଂ ବିନିଯୋଗ, ପ୍ରତିରକ୍ଷା ଏବଂ ସୁରକ୍ଷା, ସାମୁଦ୍ରିକ ସହଯୋଗ, ଡିଜିଟାଲ ଏବଂ ଆର୍ଥିକ ପ୍ରଯୁକ୍ତିବିଦ୍ୟା, ଶକ୍ତି, ସ୍ୱାସ୍ଥ୍ୟ ସେବା ଏବଂ ଫାର୍ମାସ୍ୟୁଟିକାଲ୍ସ, ମହାକାଶ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ବିରଳ ମୃତିକା, ସଂସ୍କୃତି, ପର୍ଯ୍ୟଟନ, କୃଷି ଏବଂ ଜନସାଧାରଣଙ୍କ ମଧ୍ୟରେ ଆଦାନପ୍ରଦାନକୁ ଅନ୍ତର୍ଭୁକ୍ତ କରୁଥିବା ବ୍ୟାପକ ରଣନୀତିକ ସହଭାଗିତାର ସମଗ୍ର ଦିଗର ସମୀକ୍ଷା କରିଥିଲେ । ଭାରତର ଓପନ ନେଟୱାର୍କ ଫର ଡିଜିଟାଲ କମର୍ସ(ଓଏନଡିସି) ଉପରେ ଆଧାରିତ ଇଣ୍ଡୋନେସିଆ ଓପନ ନେଟୱାର୍କ(ଆଇଓଏନ) ର ଶୁଭାରମ୍ଭକୁ ଦୁଇ ନେତା ସ୍ୱାଗତ କରିଥିଲେ । ୨୦୨୭ ମସିହାରେ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ଇଣ୍ଡୋନେସିଆ ଗସ୍ତର ଶତାବ୍ଦୀ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଘୋଷଣା କରିଥିଲେ ଯେ ଦୁଇ ଦେଶ ମିଳିତ ଭାବେ ଏହି ଅବସରକୁ 'ସାଂସ୍କୃତିକ ଏବଂ ଶୈକ୍ଷିକ କୂଟନୀତି ପାଇଁ ଟାଗୋର-ଦେବନ୍ତର ବର୍ଷ' ଭାବେ ପାଳନ କରିବେ । ଦୁଇ ରାଷ୍ଟ୍ରନେତା ପାରସ୍ପରିକ ସ୍ୱାର୍ଥ ରହିଥିବା ଆଂଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗଗୁଡ଼ିକ ଉପରେ ମଧ୍ୟ ନିଜ ନିଜର ଦୃଷ୍ଟିକୋଣ ବିନିମୟ କରିଥିଲେ । ସେମାନେ ଆସିଆନ୍-ଭାରତ ବ୍ୟାପକ ରଣନୀତିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ସମ୍ପର୍କରେ ଆଲୋଚନା କରିଥିଲେ । ସେମାନେ ଏକ ମୁକ୍ତ ଏବଂ ନିୟମ-ଆଧାରିତ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଏହି ପରିପ୍ରେକ୍ଷୀରେ, ପ୍ରଧାନମନ୍ତ୍ରୀ ଭାରତର 'ମହାସାଗର' (MAHASAGAR - Mutual and Holistic Advancement for Security and Growth Across Regions) ଭିଜନ ବା ଦୂରଦୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । ରାଷ୍ଟ୍ରପତି ପ୍ରବୋୱୋ ୨୦୨୬ ମସିହାରେ ଭାରତର ଜାରି ରହିଥିବା ବ୍ରିକ୍ସ ଅଧ୍ୟକ୍ଷତା ପାଇଁ ଇଣ୍ଡୋନେସିଆର ସମ୍ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ଆଲୋଚନା ପରେ, ଦୁଇ ନେତାଙ୍କ ଉପସ୍ଥିତିରେ ପ୍ରତିରକ୍ଷା, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ବିରଳ ମୃତିକା, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ନିର୍ବାଚନ ପ୍ରକ୍ରିୟା, ଦୂରସଂଚାର, କୃଷି, ସାମୁଦ୍ରିକ ସୁରକ୍ଷା, ମହାକାଶ, ଇସ୍ପାତ ଯୋଗାଣ ଶୃଙ୍ଖଳା, ବିପର୍ଯ୍ୟୟ ପରିଚାଳନା, ଚିକିତ୍ସା ସାମଗ୍ରୀ ନିୟାମକ, ସ୍ୱାସ୍ଥ୍ୟ କର୍ମଚାରୀ ସହଯୋଗ ସହିତ ଅନ୍ୟାନ୍ୟ କ୍ଷେତ୍ରରେ ବୁଝାମଣାପତ୍ର ବା ଚୁକ୍ତିନାମା ଗୁଡ଼ିକର ଆଦାନପ୍ରଦାନ ହୋଇଥିଲା । ଯୋଗ୍ୟକର୍ତ୍ତା ସ୍ଥିତ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ପ୍ରମ୍ବନନ ମନ୍ଦିର ପରିସରର ସଂରକ୍ଷଣ ଏବଂ ପୁନରୁଦ୍ଧାର ପାଇଁ ଭାରତର ସହଯୋଗ ସମ୍ପର୍କିତ ଏକ ଆଗ୍ରହ ପତ୍ର ମଧ୍ୟ ଆଦାନପ୍ରଦାନ କରାଯାଇଥିଲା । ଆଦାନପ୍ରଦାନ ହୋଇଥିବା ବୁଝାମଣାପତ୍ର/ ଚୁକ୍ତିନାମାର ସମ୍ପୂର୍ଣ୍ଣ ତାଲିକା ପାଇଁ କ୍ଲିକ କରନ୍ତୁ: https://www.pib.gov.in ଆଲୋଚନା ପରେ, ରାଷ୍ଟ୍ରପତି ପ୍ରବୋୱୋ ପ୍ରଧାନମନ୍ତ୍ରୀଙ୍କ ସମ୍ମାନାର୍ଥେ ଏକ ମଧ୍ୟାହ୍ନ ଭୋଜନର ଆୟୋଜନ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କର ସୌଜନ୍ୟମୂଳକ ଆତିଥେୟତା ପାଇଁ ରାଷ୍ଟ୍ରପତି ପ୍ରବୋୱୋଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ତାଙ୍କୁ ଭାରତ ଗସ୍ତ ପାଇଁ ନିମନ୍ତ୍ରଣ କରିଥିଲେ ।

## ୭୭ ତମ ରାଜ୍ୟସ୍ତରୀୟ ବନ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର : ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ଓ ବିକଟ ଗ୍ରୀଷ୍ମ ଲହରର ମୁକାବିଲା ପାଇଁ ବ୍ୟାପକ ବୃକ୍ଷରୋପଣ ହିଁ ଏକମାତ୍ର ଦୀର୍ଘକାଳୀନ ସମାଧାନ । ବିକାଶ ଓ ପରିବେଶ ପରସ୍ପରର ବିରୋଧୀ ନୁହଁନ୍ତି, ବରଂ ପରିପୂରକ । ଏହି ଦୂରଦର୍ଶୀ ଆଭିମୁଖ୍ୟ ସହ ବନ ସୁରକ୍ଷା ଓ ସବୁଜବଳୟ ସୃଷ୍ଟିରେ ଓଡ଼ିଶା ଆଜି ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି । ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୫୫୮ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣ ବୃଦ୍ଧି ପାଇଛି, ଯାହା ଫଳରେ ସମଗ୍ର ଭାରତବର୍ଷରେ ଓଡ଼ିଶା ଆଜି ଗୌରବଜନକ ତୃତୀୟ ସ୍ଥାନ ଅଧିକାର କରିଛି ବୋଲି କପିଳେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ୭୭ ତମ ବନ ମହୋତ୍ସବ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ପ୍ରବାହିତ ନଦୀଗୁଡ଼ିକୁ ଚିରସ୍ରୋତା କରିବା ପାଇଁ 'ସବୁଜ ମହାନଦୀ ମିଶନ' ଅଧୀନରେ ମହାନଦୀ, ତେଲ୍, ଇବ୍, ବ୍ରାହ୍ମଣୀ, ଋଷିକୁଲ୍ୟା, ବୈତରଣୀ ଓ ବଂଶଧରା ନଦୀ ପାର୍ଶ୍ୱରେ ୧.୫ କିଲୋମିଟର ପ୍ରଶସ୍ତ ସବୁଜ ବଳୟ ସୃଷ୍ଟି କରାଯାଉଛି । ୨୦୨୫-୨୬ ଆର୍ଥିକ ବର୍ଷରେ ୭୭୪ ହେକ୍ଟର ଅଂଚଳରେ ୫.୬୫ ଲକ୍ଷ ଚାରା ରୋପଣ କରାଯାଇଥିବା ବେଳେ ୨୦୨୬-୨୭ ବର୍ଷରେ ୨,୭୦୨ ହେକ୍ଟର ଅଂଚଳରେ ପ୍ରାୟ ୯ ଲକ୍ଷ ଚାରା ରୋପଣର ଲକ୍ଷ୍ୟ ରଖାଯାଇଛି । ସେହିପରି 'ବର୍ଦ୍ଧିତ ସବୁଜ ବଳୟ ଯୋଜନା' ମାଧ୍ୟମରେ ଚଳିତ ବର୍ଷ ୩,୫୮ ହେକ୍ଟର ଜମିରେ ୧୫ ଲକ୍ଷ ୯୩ ହଜାର ବୃକ୍ଷଚାରା ରୋପଣ କରାଯିବ । ସହରାଂଚଳରେ ପ୍ରଦୂଷଣ କମାଇବା ପାଇଁ ଚଳିତ ବର୍ଷ ପ୍ରାୟ ୬ ଲକ୍ଷ ୯୫ ହଜାର ଚାରା ରୋପଣର ଲକ୍ଷ୍ୟ ରହିଛି । 'ଆମ ଜଙ୍ଗଲ ଯୋଜନା' ଅଧୀନରେ ୧୯,୯୭୫ ହେକ୍ଟର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର କରାଯାଇ ୪୩.୧୮ ଲକ୍ଷ ସ୍ଥାନୀୟ ହିତାଧିକାରୀଙ୍କୁ ୧,୪୮୮.୫୨ କୋଟି ଟଙ୍କାର ଜୀବିକା ଭିତ୍ତିକ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି । ରାଜ୍ୟର ଅନ୍ୟାନ୍ୟ ପ୍ରମୁଖ ପଦକ୍ଷେପ ବାବଦରେ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କାମ୍ପା ଯୋଜନାରେ ଆସନ୍ତା ବର୍ଷ ପାଇଁ ୨୦,୫୬୨ ହେକ୍ଟରରୁ ଅଧିକ ଜଙ୍ଗଲ ଜମିରେ ବୃକ୍ଷରୋପଣର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଜାପାନ ଆନ୍ତର୍ଜାତୀୟ ସଂସ୍ଥାର ସହାୟତାରେ ଓଡ଼ିଶା ବନାଂଚଳ ଉନ୍ନୟନ ପ୍ରକଳ୍ପ-୨ ମାଧ୍ୟମରେ ୧,୨୧୦ଟି ବନସୁରକ୍ଷା ସମିତିକୁ ସାମିଲ କରାଯାଉଛି । ଉପକୂଳ ଅଂଚଳର ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ 'ମିଷ୍ଟି' ଯୋଜନାରେ ୮୯ ହେକ୍ଟର ଅଂଚଳରେ ହେନ୍ତାଳ ବନ ସୃଷ୍ଟି ଏବଂ 'ଉଡଜଓଉଉ' ଯୋଜନାରେ ୨,୪୦୫ ହେକ୍ଟର ଲୁଣା ଜଙ୍ଗଲର ପୁନରୁଦ୍ଧାର କରାଯାଉଛି । ଏହା ସହିତ ବଜ୍ରପାତରୁ ରକ୍ଷା ପାଇବା ପାଇଁ ଗତ ଆର୍ଥିକ ବର୍ଷରେ ୧୭.୯୦ ଲକ୍ଷ ତାଳ ଚାରା ରୋପଣ କରାଯାଇଛି । ଚଳିତ ଜୁଲାଇ ୧ ତାରିଖରୁ କେନ୍ଦ୍ର ଓ ରାଜ୍ୟର ମିଳିତ ସହଯୋଗରେ ଏକ ନୂତନ ଯୋଜନା 'ବିକଶିତ ଭାରତ - ରୋଜଗାର ଗ୍ୟାରେଂଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ)' କାର୍ଯ୍ୟକାରୀ ହୋଇଛି, ଯାହା ବୃକ୍ଷରୋପଣ ସହ ଲୋକଙ୍କୁ ରୋଜଗାରକ୍ଷମ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଏକ ପେଡ୍ ମା କେ ନାମ' ଅଭିଯାନକୁ ଓଡ଼ିଶାବାସୀ ଏକ ଜନ ଆନ୍ଦୋଳନରେ ପରିଣତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି । ଗତ ବର୍ଷ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସରେ ଓଡ଼ିଶାରେ ଗୋଟିଏ ଦିନରେ ୧ କୋଟି ୪୯ ଲକ୍ଷ ଚାରା ରୋପଣ କରାଯାଇଥିଲା ଏବଂ 'ମେରୀ ଲାଇଫ୍' ପୋର୍ଟାଲରେ ୮ କୋଟି ୧୨ ଲକ୍ଷ ବୃକ୍ଷରୋପଣର ତଥ୍ୟ ଅପଲୋଡ୍ କରାଯାଇଛି । ଚଳିତ ବର୍ଷ ଭାରତ ସରକାରଙ୍କ ପକ୍ଷରୁ ରାଜ୍ୟ ପାଇଁ ୩ କୋଟି ୭୬ ଲକ୍ଷ ବୃକ୍ଷଚାରା ରୋପଣର ଲକ୍ଷ୍ୟ ରହିଛି ।

### ଅଳ୍ପରେ ଖବର

- ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ମଙ୍ଗଳବାର ଦିନ ପୁରୀ ଜିଲ୍ଲା ବ୍ରହ୍ମଗିରିସ୍ଥିତ ପ୍ରସିଦ୍ଧ ଅଲାରନାଥ ମନ୍ଦିର ଦର୍ଶନ କରିଥିଲେ ।
- ମୁଖ୍ୟମନ୍ତ୍ରୀ ଗବେଷଣା ଫେଲୋଶିପ୍ ୨୦୨୬-୨୭ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଉଚ୍ଚ ଶିକ୍ଷା ବିଭାଗ ଅଧୀନ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ସରକାରଙ୍କ ଅନ୍ୟାନ୍ୟ ବିଭାଗରେ ପିଏଚ୍.ଡି.ରେ ପଞ୍ଜୀକୃତ ଛାତ୍ରଛାତ୍ରୀ ମାନେ ସାମସ୍ ମାଧ୍ୟମରେ ଆବେଦନ କରିପାରିବେ ।
- ଭୁବନେଶ୍ୱରରେ ନିର୍ମାଣ ହେବ ନୂତନ ରାଜସ୍ୱ ଭବନ । ଲୋକସେବା ଭବନରେ ସ୍ଥାନ ଅଭାବ ଯୋଗୁଁ ୬୦୦ କୋଟି ଟଙ୍କା ବ୍ୟୟରେ ୧୦ ମହଲା ବିଶିଷ୍ଟ ବିଲଡିଂ ନିର୍ମାଣ ହେବ ।
- ରାଜ୍ୟରେ ଜମି କିଣାବିକା ହେବ ସମ୍ପୂର୍ଣ୍ଣ କ୍ୟାସ ଲେସ୍ । ଗୋଟିଏ ପଇସା ବି କ୍ୟାସ୍‌ରେ ଦେଣନେଣ ହେବ ନାହିଁ ବୋଲି ସୂଚନା ଦେଇଛନ୍ତି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ଯେ ଜମି ପଞ୍ଜୀକରଣକୁ ସୁଗମ କରିବା ଲାଗି ସରକାର ଏହି ପଦକ୍ଷେପ ନେଇଛନ୍ତି ।

## ନୂଆଦିଲ୍ଲୀରେ ୩୦୦ଟି ଇଲେକ୍ଟ୍ରିକ୍ ବସ୍‌ର ଶୁଭାରମ୍ଭ କଲେ ଅମିତ ଶାହ



ନୂଆଦିଲ୍ଲୀ : କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀଠାରେ 'ମିଶନ ୭୦ ଲକ୍ଷ ବୃକ୍ଷରୋପଣ' ଅଭିଯାନର ଶୁଭାରମ୍ଭ ଏବଂ ଦିଲ୍ଲୀ ସରକାରଙ୍କ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି । ଦିଲ୍ଲୀର ବିକାଶ ପାଇଁ ପ୍ରସ୍ତୁତ 'ଗ୍ରାଣ୍ଡ ମାଷ୍ଟର ପ୍ଲାନ' ଅଧୀନରେ ଶ୍ରୀ ଅମିତ ଶାହ ୩୦୦ଟି ଇଲେକ୍ଟ୍ରିକ୍ ବସ୍ ଶୁଭାରମ୍ଭ କରିବା ସହ ଭର୍ଚୁଆଲ୍ ମାଧ୍ୟମରେ ୩ଟି ନବନିର୍ମିତ ବସ୍ ଡେପୋ ଓ ୪୦ଟି ଗାଡ଼ି ପରୀକ୍ଷଣ କେନ୍ଦ୍ରର ଉଦଘାଟନ କରିଛନ୍ତି । ଏହାସହ ସେ ନରେଲାଠାରେ ଏକ ହାଇ-ସିକ୍ୟୁରିଟି ଜେଲ୍ର ଶିଳାନ୍ୟାସ କରିବା ସହିତ 'ରିଜ୍' ଅଂଚଳର ପୁନରୁଦ୍ଧାର ଅଭିଯାନର ମଧ୍ୟ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ କେନ୍ଦ୍ର ପରିବେଶ, ବନ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ଯାଦବ, ଦିଲ୍ଲୀର ଉପ-ରାଜ୍ୟପାଳ ଶ୍ରୀ ତରଞ୍ଜିତ ସିଂହ ସାନ୍ଧୁ, ମୁଖ୍ୟମନ୍ତ୍ରୀ ଶ୍ରୀମତୀ ରେଖା ଗୁପ୍ତା, କେନ୍ଦ୍ର ମନ୍ତ୍ରୀ ଶ୍ରୀ ହର୍ଷ ମଲହୋତ୍ରା ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ, ଦିଲ୍ଲୀର ରିଜ୍ ଅଂଚଳରେ ଅନେକ ବିଷାକ୍ତ ଏବଂ କଂଟାଜାତୀୟ ଗଛ ଦେଖିବାକୁ ମିଳୁଛି, ଯାହା ବାହାରକୁ ଏକ ସବୁଜ ଦିଲ୍ଲୀର ଭ୍ରମ ସୃଷ୍ଟି କରୁଥିଲେ ମଧ୍ୟ ଆମ ପରିବେଶ ପାଇଁ ଆଦୌ ଅନୁକୂଳ ନୁହେଁ । ସେ କହିଛନ୍ତି ଯେ, ୧୯୯୪ ମସିହାରେ ଦିଲ୍ଲୀର ରିଜ୍ ଅଂଚଳର ୭,୭୮୪ ହେକ୍ଟର ଜମିକୁ ଭାରତୀୟ ବନ ଅଧିନିୟମ ଅନୁସାରେ ଅଧିସୂଚନା ପ୍ରକାଶ କରାଯାଇଥିଲା, କିନ୍ତୁ ବିଗତ ୩୦ ବର୍ଷ ଧରି ଏହାର ଚୂଡ଼ାନ୍ତ ଅଧିସୂଚନା ଜାରି କରାଯାଇ ନଥିଲା । ସେ କହିଛନ୍ତି ଯେ ଦିଲ୍ଲୀ ସରକାର ଏହି ଦିଗରେ ଏକ ସକାରାତ୍ମକ ପଦକ୍ଷେପ ଗ୍ରହଣ କରି ଏହି ଅଂଚଳର ୫,୦୦୦ ହେକ୍ଟର ଜମିକୁ ଜଙ୍ଗଲ ଜମି ଭାବେ ଘୋଷଣା କରିଛନ୍ତି ।

## ଭୁବନେଶ୍ୱରରେ ପୂର୍ବାଂଚଳ ପରିଷଦ ଷ୍ଟାଣ୍ଡିଂ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କଲେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର : ପୂର୍ବ ଜୋନାଲ ପରିଷଦର ସ୍ଥାୟୀ କମିଟିର ୧୫ତମ ବୈଠକ ଆଜି ରାଜ୍ୟ ସମ୍ମିଳନୀ କେନ୍ଦ୍ର, ଲୋକସେବା ଭବନ, ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଆନ୍ତଃ-ରାଜ୍ୟ ପରିଷଦ ସଚିବାଳୟ ଦ୍ୱାରା ଓଡ଼ିଶା ସରକାରଙ୍କ ସହଯୋଗରେ ଆୟୋଜିତ ହୋଇଥିଲା । ଏହି ବୈଠକରେ ଓଡ଼ିଶା ମୁଖ୍ୟ ସଚିବ ଶ୍ରୀମତୀ ଅନୁଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ । ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ଆନ୍ତଃ-ରାଜ୍ୟ ପରିଷଦ ସଚିବାଳୟର ସଚିବ ଶ୍ରୀଆଶିଷ ଶ୍ରୀବାସ୍ତବ; ବିହାରର ମୁଖ୍ୟ ସଚିବ ଶ୍ରୀପ୍ରତ୍ୟାୟା ଅମୃତ; ଝାଡ଼ଖଣ୍ଡର ବିକାଶ କମିଶନର ଶ୍ରୀ ଅଜୟ କୁମାର ସିଂହ; ଏବଂ ପଶ୍ଚିମବଙ୍ଗ ସରକାରଙ୍କ ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ବିନୋଦ କୁମାର ଅଂଶଗ୍ରହଣକାରୀ ରାଜ୍ୟ ଏବଂ ଆନ୍ତଃରାଜ୍ୟ ପରିଷଦ ସଚିବାଳୟର ବରିଷ୍ଠ ଅଧିକାରୀମାନଙ୍କ ସହିତ ବୈଠକରେ ଯୋଗ ଦେଇଥିଲେ । ଆନ୍ତଃରାଜ୍ୟ ସମନ୍ୱୟକୁ ସୁଦୃଢ଼ କରିବା, ପଡ଼ି ରହିଥିବା ସମସ୍ୟାଗୁଡ଼ିକର ସମାଧାନକୁ ତ୍ୱରାନ୍ୱିତ କରିବା ଏବଂ ପୂର୍ବ ଜୋନାଲ ଅଂଚଳରେ ବିକାଶ କାର୍ଯ୍ୟକ୍ରମର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ଏକ ସାମୂହିକ ସଂକଳ୍ପ ସହିତ ବୈଠକ ସଫଳତାର ସହ ସମାପ୍ତ ହୋଇଥିଲା । ଓଡ଼ିଶା ସରକାରଙ୍କ ଗୃହ, ଶିକ୍ଷା, ସୂଚନା ଏବଂ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ । ମୋଟ ୭୪ ଟି କାର୍ଯ୍ୟସୂଚୀ ଉପରେ ଆଲୋଚନା କରାଯାଇଥିଲା । ଏଥିରେ ପୂର୍ବ ବୈଠକରୁ ଆଗକୁ ନିଆଯାଇଥିବା ୧୨ ଟି କାର୍ଯ୍ୟସୂଚୀ, ୬୧ ଟି ନୂତନ କାର୍ଯ୍ୟସୂଚୀ ଏବଂ ଅଂଶଗ୍ରହଣକାରୀ ରାଜ୍ୟଗୁଡ଼ିକ ଦ୍ୱାରା ଗ୍ରହଣ କରାଯାଇଥିବା ସର୍ବୋତ୍ତମ ଅଭ୍ୟାସ ସମ୍ପର୍କିତ ଗୋଟିଏ କାର୍ଯ୍ୟ ଅନ୍ତର୍ଭୁକ୍ତ ଥିଲା । ବୈଠକରେ ଆନ୍ତଃରାଜ୍ୟ, ବିକାଶ ଏବଂ ଶାସନ-ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ।

## ସହରାଂଚଳରେ ଥିବା ବଡ଼ ଡ୍ରେନ୍ କଡ଼ରେ ହେବ ବ୍ୟାରିକେଡ୍: ନଗର ଉନ୍ନୟନ ମନ୍ତ୍ରୀ




ଭୁବନେଶ୍ୱର : ଏବେ ରାଜ୍ୟରେ ଜାରି ରହିଛି ଲଗାଣ ବର୍ଷା । ଏହି ସମୟରେ ସହରାଂଚଳରେ ଥିବା ବିଭିନ୍ନ ନାଳର ମରାମତି କାମ ସହ ପଙ୍କ ଉଦ୍ଧାର ଏବଂ ସଫେଇ କାର୍ଯ୍ୟ ପ୍ରାୟ ଶେଷ ହୋଇଛି । ସହରାଂଚଳରେ ଜଳବନ୍ଦୀ ସ୍ଥିତିକୁ ଦୃଷ୍ଟିରେ ରଖି ବଡ଼ ବଡ଼ ଡ୍ରେନ୍ କଡ଼ରେ ସୁରକ୍ଷା ବ୍ୟାରିକେଡ୍ ବ୍ୟବସ୍ଥା କରାଯିବ ସୂଚନା ଦେଇଛନ୍ତି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ବର୍ଷା ଜଳ ଜମୁଥିବା ସ୍ଥାନଗୁଡ଼ିକରେ ବିଭାଗୀୟ କର୍ମଚାରୀଙ୍କ ସହ ଅଗ୍ନିଶମ ବିଭାଗର କର୍ମଚାରୀମାନେ ମିଳିତ ଭାବେ ଜଳ ନିଷ୍କାସନ କାର୍ଯ୍ୟ କରିବେ । ଅଧିକ ବର୍ଷାର ସମ୍ଭାବନାକୁ ଦେଖି ଅଧିକାରୀମାନଙ୍କୁ ହାଇ ଆଲର୍ଟରେ ରହିବାକୁ କୁହାଯାଇଛି । ଟ୍ୱିନ୍ ସିଟି ଭୁବନେଶ୍ୱର-କଟକ ଓ ପୁରୀ ପାଇଁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଛି । ୨୪ ଘଂଟିଆ କଂଟ୍ରୋଲ ରୁମ୍ ମାଧ୍ୟମରେ ସ୍ଥିତି ଉପରେ ନଜର ରଖାଯିବ ଏବଂ କୌଣସି ଜରୁରୀ ପରିସ୍ଥିତି ଉପୁଜିଲେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ନଗର ଉନ୍ନୟନ ବିଭାଗ ସୂଚନା ଦେଇଛି ।

## ନାମକୁମ ଆଇଏମପିସିସି ବୈଠକରେ ଅଧ୍ୟକ୍ଷତା କଲେ ଏଡିଜି ଅଖିଳ ମିଶ୍ର




ଭୁବନେଶ୍ୱର : ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ରାଂଚି ପକ୍ଷରୁ ଆଇସିଏଆର-ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସେକେଣ୍ଡାରୀ ଏଗ୍ରିକଲଚର, ନାମକୁମଠାରେ ଇସଟର୍ ମିଡିଆ ପବ୍ଲିସିଟି କୋଅର୍ଡିନେସନ୍ କମିଟିର ବୈଠକ ଆୟୋଜିତ ହୋଇଯାଇଛି । ଏହି ବୈଠକରେ ପିଆଇବି ରାଂଚି ଓ ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ଅଧ୍ୟକ୍ଷତା କରିଥିଲେ । ଉଦଘାଟନୀ ଅଭିଭାଷଣରେ ଶ୍ରୀ ମିଶ୍ର କହିଥିଲେ, ଯେକୌଣସି ବାର୍ତ୍ତାର ପ୍ରଭାବୀ ପ୍ରସାର ପାଇଁ ଯୋଗାଯୋଗର ବିଭିନ୍ନ ଦିଗ ପ୍ରତି ସମାନ ଧ୍ୟାନ ଦିଆଯିବା ଆବଶ୍ୟକ । ସୂଚନା ଆଦାନ ପ୍ରଦାନରେ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ ଯେ ଏହା ସରକାରୀ ସୂଚନାର ବିଶ୍ୱସନୀୟ ପ୍ରସାରରେ ସହାୟକ ହୋଇଥାଏ । ପିଆଇବି ଏବଂ କେନ୍ଦ୍ରୀୟ ସଂଚାର ବ୍ୟୁରୋରମୁଖ୍ୟ ଶ୍ରୀ ଗୌରବ କୁମାର ପୁଷ୍କର ଅଂଶଗ୍ରହଣକାରୀମାନଙ୍କୁ ପିଆଇବି ଏବଂ ସିବିସିର କାର୍ଯ୍ୟକାରିତା ଏବଂ ସୂଚନା ପ୍ରସାରରେ ସେମାନଙ୍କର ଭୂମିକା ବିଷୟରେ ସୂଚନା ଦେଇଥିଲେ । ରାଂଚିର ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ ର ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରଜିତ ଯାଦବ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା, ଦକ୍ଷତା ବିକାଶ ପଦକ୍ଷେପ ଏବଂ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଝାଡ଼ଖଣ୍ଡର ନ୍ୟୁଜ୍ ୟୁନିଟ୍ ମୁଖ୍ୟ ତଥା ଦୂରଦର୍ଶନ ନ୍ୟୁଜର ସହକାରୀ ନିର୍ଦ୍ଦେଶକ ଶ୍ରୀ ଦିବାକର କୁମାର ସରକାରୀ ଯୋଜନା ଏବଂ ଜାତୀୟ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନାର ପ୍ରଭାବଶାଳୀ ପ୍ରସାରରେ ଦୂରଦର୍ଶନର ଭୂମିକା ଉପରେ ଆଲୋକପାତ କରିଥିବାବେଳେ ଦୂରଦର୍ଶନ ରାଂଚିର କାର୍ଯ୍ୟକ୍ରମ ମୁଖ୍ୟ ଶ୍ରୀ ଅମିତ କୁମାର ସୋସିଆଲ ମିଡିଆ ପ୍ଲାଟଫର୍ମରେ ଦୂରଦର୍ଶନ ଝାଡ଼ଖଣ୍ଡର ବୃଦ୍ଧି ପାଉଥିବା ପ୍ରସାର ବିଷୟରେ କହିଥିଲେ । ୟୁଆଇଡିଏଆଇର ଆଂଚଳିକ ନିର୍ଦ୍ଦେଶକ ଶ୍ରୀ ନୀରଜ କୁମାର ଆଧାର ସେବାର ସମ୍ପ୍ରସାରଣ, ନୂଆ ଆଧାର ଆପ୍, ଏପିଏଆରଆଇଡି ଏବଂ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରରେ ଆଧାରର ଭୂମିକା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା (ସିଜିଏଚ୍‌ଏସ୍) ର ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ଅରୁଣ କୁମାର, ସିଜିଏସଟି ରାଂଚିର ପ୍ରତିନିଧି ଶ୍ରୀ ରବି କୁମାର ଏବଂ ନାବାର୍ଡର ପ୍ରତିନିଧି ଶ୍ରୀ ଅମିତ କୁମାର ନିଜ ନିଜ ସଂସ୍ଥାର ପ୍ରମୁଖ ସଫଳତା ଏବଂ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ଆକାଶବାଣୀ ରାଂଚିର କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ପ୍ରଭୁ ଶରଣ ଜନସ୍ୱାର୍ଥ ସମ୍ବନ୍ଧୀୟ ସୂଚନା ପ୍ରସାରରେ ଆକାଶବାଣୀର ଭୂମିକା ବିଷୟରେ କହିଥିଲେ । ମାଇଁ ଭାରତ ଝାଡ଼ଖଣ୍ଡର ରାଜ୍ୟ ନିର୍ଦ୍ଦେଶିକା ଶ୍ରୀମତୀ ଲଳିତା କୁମାରୀ ଯୁବ ସଂସଦ, ବିବିଧ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ ଏବଂ ପରୀକ୍ଷାମୂଳକ ଶିକ୍ଷା କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ । ରାଂଚି ୟୁନିଟର ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ଅଧୀକ୍ଷକ ଶ୍ରୀ ସାରିକ ଉମର ଏବଂ ଆଇସିଏଆର-ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସେକେଣ୍ଡାରୀ ଏଗ୍ରିକଲଚରର ପ୍ରମୁଖ ବୈଜ୍ଞାନିକ ଡକ୍ଟର ନିରନ୍ତର ପ୍ରସାଦ ଯଥାକ୍ରମେ ନିଶାଦ୍ରବ୍ୟ ନିୟନ୍ତ୍ରଣ ଏବଂ କୃଷି ନବସୃଜନ ସମ୍ବନ୍ଧୀୟ ପଦକ୍ଷେପ ଉପରେ ସୂଚନା ସେୟାର କରିଥିଲେ । ଏହି ବୈଠକରେ ଆକାଶବାଣୀ ରାଂଚିର ଶ୍ରୀ ଜାଭିୟର୍ କାଣ୍ଡୁଲାନା, ଦୂରଦର୍ଶନ ରାଂଚିର ଶ୍ରୀ ସୁଧୀର କୁମାର ଏବଂ ୟୁଆଇଡିଏଆଇର ଶ୍ରୀ ଅବଦୁଲ କଲାମ ଅନସାରୀ ପ୍ରମୁଖ ଯୋଗ ଦେଇଥିଲେ ।



# ବାଲେଶ୍ୱରରେ ଧୁମଧାମରେ ପାଳିତ ହେଲା ଜିଲ୍ଲା ସ୍ତରୀୟ ବନ ମହୋତ୍ସବ:୫୦୦୦ ଚାରା ଲଗାଇବାର ଲକ୍ଷ୍ୟଧାର୍ଯ୍ୟ



ବାଲେଶ୍ୱର, (ନି.ପ୍ର.): ପରିବେଶ ସୁରକ୍ଷା ଏବଂ ଜିଲ୍ଲାର ସବୁଜିମା ବୃଦ୍ଧି ଲକ୍ଷ୍ୟରେ ଆଜି ବାଲେଶ୍ୱର ଜିଲ୍ଲା ବନ ବିଭାଗ ପକ୍ଷରୁ ସଦର ବ୍ଲକ୍ ଗୁଡୁ ପଂଚାୟତର ଶେଖପାଟଣା ଠାରେ ଜିଲ୍ଲାସ୍ତରୀୟ ବନ ମହୋତ୍ସବ - ୨୦୨୬ ମହାସମାରୋହ ପାଳିତ ହୋଇଯାଇଛି ।ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏଥିରେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ।ଏହି ଅବସରରେ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରତୀକ ପ୍ରକାଶ ଇନ୍ଦଲକର, ଉପ-ଜିଲ୍ଲାପାଳ ଶିବ ମାଲବ୍ୟ, ପୂର୍ବତନ ମୁଖ୍ୟ ବନ ସଂରକ୍ଷକ ଦେବବ୍ରତ ସ୍ୱାଇଁ, ସହକାରୀ ବନ ସଂରକ୍ଷକ କଟିନି ସେଠି, ସରପଂଚ କମଳିନୀ ପାତ୍ର ଏବଂ ବନାଂଚଳ ଅଧିକାରୀ ମାନୁଓ୍ୱାର ଖାଁ ପ୍ରମୁଖ ଯୋଗଦେଇ ପରିବେଶ ସନ୍ତୁଳନ ପାଇଁ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ।ଅତିଥିମାନେ କହିଲେ, 'ଆଗାମୀ ପିଢ଼ିକୁ ପ୍ରଦୂଷଣମୁକ୍ତ ପରିବେଶ ଦେବା ପାଇଁ ବୃକ୍ଷରୋପଣ ହିଁ ଏକମାତ୍ର ରାସ୍ତା । ପ୍ରତ୍ୟେକ ନାଗରିକ ଅତି କମରେ ଗୋଟିଏ ଗଛ ଲଗାଇ ତାର ଯତ୍ନ ନେବା ଆବଶ୍ୟକ' । କାର୍ଯ୍ୟକ୍ରମରେ ଅତିଥି, ବନ ବିଭାଗ ଅଧିକାରୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକଙ୍କ ଦ୍ୱାରା ଶେଖପାଟଣା ପରିସରରେ ପ୍ରାୟ ୨୦୦ଟି ମୂଲ୍ୟବାନ ବୃକ୍ଷ ଚାରା ରୋପଣ କରାଯାଇଥିଲା । ବନ ବିଭାଗ ପକ୍ଷରୁ ଆଗାମୀ ଗୋଟିଏ ସପ୍ତାହ ମଧ୍ୟରେ ଏହି ସ୍ଥାନରେ ମୋଟ ୫୦୦୦ ଚାରା ରୋପଣ କରିବା ପାଇଁ ବିଶେଷ ଯୋଜନା କରାଯାଇଛି ।

# ବାଲେଶ୍ୱରରେ ହାଓ୍ୱଡ଼ା-ଯଶୋବନ୍ତପୁର 'ଦୂରନ୍ତ ଏକ୍ସପ୍ରେସ' ରହଣି ଦାବି

ବାଲେଶ୍ୱର,(ନି.ପ୍ର): ସପ୍ତାହରେ ୫ ଦିନ ହାଓ୍ୱଡ଼ାରୁ ଯାତ୍ରା କରୁଥିବା ଏସଏମଭିଟି-୧୨୨୪୫ ଯଶୋବନ୍ତପୁର ଯାତ୍ରା 'ଦୂରନ୍ତ ଏକ୍ସପ୍ରେସ'ର ବାଲେଶ୍ୱର ଷ୍ଟେସନରେ ରହଣି ଦାବି କ୍ରମଶଃ ବଢ଼ିବାରେ ଲାଗିଛି । ସପ୍ତାହର ରବି, ମଙ୍ଗଳ, ବୁଧ, ଶୁକ୍ର ଓ ଶନିବାର ଦିନ ଏହି ଟ୍ରେନ ଯାତ୍ରା କରିଥାଏ । ପୂର୍ବାହ୍ଣ ୧୦ଟା ୪୦ ମିନିଟରେ ହାଓ୍ୱଡ଼ା ଷ୍ଟେସନରୁ ଦୂରନ୍ତ ଏକ୍ସପ୍ରେସ ଟ୍ରେନ ଯଶୋବନ୍ତପୁର ଅଭିମୁଖେ ଯାତ୍ରା କରିଥାଏ । ଅପରାହ୍ଣ ୧ଟା ୪୦/୪୫ ମିନିଟ ମଧ୍ୟରେ ଏହା ବାଲେଶ୍ୱର ଷ୍ଟେସନ ଅତିକ୍ରମ କରିଥାଏ । ତେବେ ଏହା ବାଲେଶ୍ୱରରେ ନ ରହି ଭୁବନେଶ୍ୱରରେ । ଅଟକିଥାଏ । ଯାହାକୁ ନେଇ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଲୋକଙ୍କ ଅଭିଯୋଗ ଅନୁସାରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ରୁ ଶହ ଶହ ଯୁବକ - ଯୁବତୀ ବେଙ୍ଗାଲୁରୁରେ ସଫ୍ଟୱେର ସମେତ ଅନ୍ୟାନ୍ୟ ବିଭିନ୍ନ କମ୍ପାନୀରେ କାମ କରୁଛନ୍ତି । ଏହି ଟ୍ରେନ ବାଲେଶ୍ୱର ରେ ନ ଅଟକିବା ଫଳରେ ସେମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।ସେହିଭଳି ବାଲେଶ୍ୱରର ଚାନ୍ଦିପୁରରେ ପ୍ରତିରକ୍ଷା ବିଭାଗର ତିନିଟି ପ୍ରତିଷ୍ଠାନ ରେ ହଜାରରେ ଅଧିକ କର୍ମଚାରୀ ଓ ଅଧିକାରୀ କାର୍ଯ୍ୟରତ ଅଛନ୍ତି । ଏହା ସାଙ୍ଗକୁ ଫକୀର ମୋହନ ବିଶ୍ୱବଦ୍ୟାଳୟ ସିପେଟ ଓ ବାଲେଶ୍ୱର ର ଅନ୍ୟାନ୍ୟ ଛୋଟବଡ଼ ଶିକ୍ଷାନୁଷ୍ଠାନରେ ରେ ବାହାର ରାଜ୍ୟରେ ଶହ ଶହ ବ୍ୟକ୍ତି କାର୍ଯ୍ୟ କରୁଛନ୍ତି । ଦୂରନ୍ତ ଏକ୍ସପ୍ରେସର ବାଲେଶ୍ୱର ଷ୍ଟେସନ ଅତିକ୍ରମ ସମୟ ମଧ୍ୟ ଅପରାହ୍ଣ ୧ଟା ୪୦ ☐ ରହିଛି । ଏହି ରହିଛି । ଏହି ସମୟରେ ଟ୍ରେନ ଧରିବା ମଧ୍ୟ ସମସ୍ତଙ୍କ ପାଇଁ ସହଜ ହୋଇପାରନ୍ତା । ସମ୍ପ୍ରତି ପ୍ରତିଟି କ୍ଷେତ୍ରରେ ବାଲେଶ୍ୱରର ଗୁରୁତ୍ୱ ବଢ଼ିଥିଲେ ବି ସେଥି ପ୍ରତି ରେଳ ବିଭାଗ ଦୃଷ୍ଟି ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ ଶ କରିଛନ୍ତି । ସବୁଠାରୁ ବଡ଼କଥା ଜିଲ୍ଲାପାଳ ଭାବେ ଦୀର୍ଘଦିନ ଦାୟିତ୍ୱ ତୁଲାଉଥିବା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କର ଏହି ଜିଲ୍ଲା ସହ ଘନିଷ୍ଠ ସମ୍ପର୍କ ସମ୍ପର୍କ ରହିଛି । ଏହା ସତ୍ତ୍ୱେ ଦୂରନ୍ତ ଟ୍ରେନ ବାଲେଶ୍ୱରରେ ନ ରହିବା ସମସ୍ତଙ୍କୁ ନିରାଶ କରିଛି । ତେବେ ଏ ସମ୍ପର୍କରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଯୋଗାଯୋଗ କରିବାରୁ, ନିକଟ ଭବିଷ୍ୟତରେ ରେଳମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।



# ଡ୍ରିମ୍ସ ଆଇଡ଼ିଆଲ ସ୍କୁଲରେ ବନମହୋତ୍ସବ ପାଳନ



ବାଲେଶ୍ୱର(ନି.ପ୍ର.) ବନମହୋତ୍ସବ ଅବସରରେ ଡ୍ରିମ୍ସ ଆଇଡ଼ିଆଲ ସ୍କୁଲ ତରଫରୁ ଜିଲ୍ଲା କାରାଗାର, ବାଲେଶ୍ୱର ପରିସରରେ ନିମନ୍ତ୍ରିତ ଅତିଥି ମାନଙ୍କ ସହ ବିଦ୍ୟାଳୟ ର କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଚାରା ରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ତପନ କୁମାର ଖୁଂଟିଆ ମହୋଦୟ ଉଦ୍ଘାଟକ ରୂପେ ପ୍ରଥମ ଚାରା ରୋପଣ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା କାରାଗାର ଅଧୀକ୍ଷକ ଶ୍ରୀମତୀ ସୁଚିତ୍ରା ଦାସ ମହୋଦୟା ମଧ୍ୟ ଗଛ ଲଗାଇବା ସହ ଏଭଳି ମହତ୍ କାମ ପାଇଁ ଅନୁଷ୍ଠାନ କୁ ଧନ୍ୟବାଦ ଦେଇଥିଲେ । ଅନ୍ୟତମ ଅତିଥିଭାବେ କବି ଶ୍ରୀଯୁକ୍ତ ପ୍ରଶାନ୍ତ ଦାସ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ଜେନା,ରୋଟାରିଆନ୍ ଶ୍ରୀଯୁକ୍ତ ଭାବଗ୍ରାହୀ ମହାନ୍ତି, ସମାଜସେବୀ ଶ୍ରୀମତୀ ଅଞ୍ଜଳି ପଣ୍ଡା,ଜେଲର୍ ଶ୍ରୀଯୁକ୍ତ ପ୍ରଦୀପ କୁମାର ମହାଳିକ ପ୍ରମୁଖ ଅତିଥି ଗଣ ପ୍ରତ୍ୟେକେ ଗୋଟିଏ କରି ଚାରା ଗଛ ରୋପଣ କରିଥିଲେ ଏବଂ ସେମାନେ ସେମାନଙ୍କ ବକ୍ତବ୍ୟ ରେ ବୃକ୍ଷ ରୋପଣ ର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଗଙ୍ଗାଧର ଦାସ ପରିଚାଳନା କରୁଥିା ବେଳେ ଅଧ୍ୟକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅନୀତା ରାଣୀ ଦାସ,ଆରତୀ ବାଳା ଦାସ,ମୈ ।ସୁଖୀ ଚାଟାର୍ଜୀ, ମାମୁନି ମହାପାତ୍ର, ନମିତା ବାଗ୍ ? , ପୂଜା ପରିଡ଼ା,ଗାୟତ୍ରୀ ଦଳେଇ ,ସୁନୀତା ପଢିଆରୀ,ଜୟ ସ୍ମିତା ପଣ୍ଡା, ଗୀତା ରାଣୀ ଦାସ,ଜଲି ମହାନ୍ତି,ସରିଫୁଦ୍ଦିନ୍ ମହମ୍ମଦ, ନିରଞ୍ଜନ ଦାସ ପ୍ରମୁଖ କର୍ମଚାରୀ କାର୍ଯ୍ୟ ରେ ସହଯୋଗ କରିଥିଲେ । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗଛ ଲଗାଅ ଗଛ ବଂଚାଅ ନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା

# ବାଲେଶ୍ୱର କବାଡି ଖେଳାଳୀଙ୍କୁ ଜିଲ୍ଲାପାଳଙ୍କ ପୁରସ୍କାର ରାଶି ପ୍ରଦାନ

ବାଲେଶ୍ୱର(ନି.ପ୍ର.) ଗଞ୍ଜାମ ଠାରେ ଖେଳାଯାଇଥିବା ମୁଖ୍ୟମନ୍ତ୍ରୀ କପ୍ କବାଡି ୧୬ ବର୍ଷରୁ କମ ବାଳକ ପ୍ରତିଯୋଗିତା ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘ ସୁନ୍ଦରଗଡ ଜିଲ୍ଲା କୁ ହରାଇ ଚମ୍ପିୟାନ ହୋଇଥିଲା । ଏଥିପାଇଁ ରାଜ୍ୟ ସରକାର ଚମ୍ପିୟାନ ଦଳକୁ ଏକ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ । ଏହି ପରିପେକ୍ଷିରେ ଜିଲ୍ଲାପାଳ ଙ୍କ ପ୍ରକୋଷ୍ଠରେ ଏହି ପୁରସ୍କାର ରାଶିକୁ ଏଗାର ଜଣ ଖେଳାଳି ଜଗନ ଜେନା,ତାପସ ପାତ୍ର,ଭକ୍ତ ବନ୍ଧୁ ଜେନା,ଆୟୁସମାନ ମାନ୍ନା,ସଚିନ ଜେନା,ପ୍ରମୋଦ ବେହେରା , ଉମେଶ ଦଳାଇ,ସିପୁନ ଗଗେଂଇ,ତନ୍ମୟ ପାତ୍ର,ସିପୁ ମହାଳିକ,ମାନସ ରଂଜନ ଜେନା ମାନଙ୍କୁ ୮୦୦୦ ଟଙ୍କା ଲେଖାଁଏ ଏବଂ ମେନେଜର ସୁନିଲ ଚନ୍ଦ୍ର ବେହେରା ଓ କୋଚ- ପଦ୍ମଲୋଚମ ବାରିକ ଙ୍କୁ ୬୦୦୦ ଟଙ୍କା ଲେଖାଁଏ ମୋଟ ଏକ ଲକ୍ଷ ଟଙ୍କା ଜିଲ୍ଲାପାଳ ପ୍ରଦାନ କରିଥିଲେ । ବାଲେଶ୍ୱର ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡାସଂଘ ର ସଭାପତି ଶ୍ରୀଯୁକ୍ତ ସୁର୍ଯ୍ୟବଂଶୀ ମୟୁର ବିକାଶ ପୁରସ୍କାର ରାଶି ପ୍ରଦାନ କରିବା ସଂଗେ ସଂଗେ ଖେଳାଳୀ ମାନଙ୍କୁ ଧନ୍ୟବାଦ ଦେବା ସହିତ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ଏହି ଉତ୍ସବରେ ଜିଲ୍ଲା କ୍ରୀଡାସଂଘ ର କାର୍ଯ୍ୟକାରୀ ସଭାପତି ଶ୍ରୀ ଅଭୟ ମହାପାତ୍ର, ସହ ସାଧାରଣ ସମ୍ପାଦକ ଶ୍ରୀ ପଦ୍ମଲୋଚନ ଲେଙ୍କା, ଜିଲ୍ଲା କ୍ରୀଡା ଅଧୀକାରୀ ଶ୍ରୀ ପୁର୍ଣ୍ଣ ଚନ୍ଦ୍ର ଜେନା,ଯୁଗ୍ମ ସମ୍ପାଦକ ତଥା ଓଡିଶା କବାଡି ସଂଘର ଉପସଭାପତି ବିରେନ୍ଦ୍ର କୁମାର ସ୍ୱାଇଁ, କବାଡି ଯୁଗ୍ମ ସମ୍ପାଦକ କାର୍ତିକ ଚନ୍ଦ୍ର ନାୟକ, ଯୁଗ୍ମ ସମ୍ପାଦକ ସଂଜୟ ଲେଙ୍କା ଓ ସୁଜୟ କୁମାର ଆଚାର୍ଯ୍ୟ ଉପସ୍ଥିତ ଥିଲେ ।

# ମାନବିକତାର ଦୃଷ୍ଟାନ୍ତ ରଖିଲେ ଟ୍ରକ୍ ଚାଳକ : ଆତ୍ମହତ୍ୟା ଉଦ୍ୟମରୁ ମହିଳାଙ୍କୁ ବଂଚାଇ ଘରେ ପହଂଚାଇଲେ ଟ୍ରକ୍ ଡ୍ରାଇଭର୍

ବାଲେଶ୍ୱର,(ନି.ପ୍ର.): ମାନବିକତା ଓ ସାହସର ଏକ ବିରଳ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି ବାଲେଶ୍ୱର ଜିଲ୍ଲାର ଜଣେ ଟ୍ରକ୍ ଚାଳକ । ଫୁଲାଡ଼ି ନିକଟ ଜାତୀୟ ରାଜପଥ-୧୬ରେ ଚଳନ୍ତା ଟ୍ରକ୍ ସାମ୍ନାକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରୁଥିବା ଜଣେ ବିବାହିତାଙ୍କୁ ସେ ଶେଷ ମୁହୂର୍ତରେ ଉଦ୍ଧାର କରିବା ସହ ନିଜ ଘରେ ଆଶ୍ରୟ ଦେଇ ସୁରକ୍ଷିତ ଭାବେ ତାଙ୍କ ପରିବାର ନିକଟରେ ପହଂଚାଇଛନ୍ତି ।ଜଳେଶ୍ୱର ବ୍ଲକ୍ ଗୋବରଘାଟା ଗ୍ରାମର ମୃତ୍ୟୁଞ୍ଜୟ କୁମାର ଘୋଷ (୫୧) ଚଣ୍ଡିଖୋଲରୁ ପଥର ଚିପ୍ସ ବୋଝେଇ ଟ୍ରକ ଚଳାଇ ରାଜପଥରେ ଫେରୁଥିବା ବେଳେ ବିଳମ୍ବିତ ରାତିରେ ହଠାତ୍ ଜଣେ ମହିଳା ତାଙ୍କ ଟ୍ରକ୍ ସାମ୍ନାକୁ ଡେଇଁ ପଡ଼ିବାକୁ ଚେଷ୍ଟା କରିଥିଲେ । ତୁରନ୍ତ ବ୍ରେକ୍ ଲଗାଇ ସେ ଏକ ବଡ଼ ଅଘଟଣକୁ ଏଡ଼ାଇ ଦେଇଥିଲେ ।ପରେ ମହିଳାଙ୍କୁ ଶାନ୍ତ କରାଇ କଥା ହେବାରୁ ଜଣା ପଡ଼ିଥିଲା ଯେ, ସେ ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କ ଦ୍ୱାରା ଦୀର୍ଘଦିନରୁ ନିର୍ଯାତନା ଭୋଗି ଅତିଷ୍ଠ ହୋଇପଡିବାରୁ ଘର ଛାଡ଼ି ଚାଲି ଆସିଥିଲେ । ନିରାଶାରେ ସେ ଅନ୍ୟ ଉପାୟ ନ ପାଇ ସେ ଆତ୍ମହତ୍ୟା କରିବାକୁ ନିଷ୍ପତି ନେଇଥିବା କଥା କହିଥିଲେ ।ରାତି ଅଧରେ ତାଙ୍କୁ ଏକୁଟିଆ ଛାଡ଼ିଦେବା ନିରାପଦ ନୁହେଁ ଭାବି ଡ୍ରାଇଭର୍ ମୃତ୍ୟୁଞ୍ଜୟ ତାଙ୍କୁ ନିଜ ଘରକୁ ନେଇ ଆଶ୍ରୟ ଦେଇଥିଲେ । ପରଦିନ ପ୍ରବଳ ବର୍ଷା ହେଉଥିବାରୁ ସେ ରବିବାର ପର୍ଯ୍ୟନ୍ତ ସେଠାରେ ରହିଥିଲେ । ରବିବାର ଦିନ ମୃତ୍ୟୁଞ୍ଜୟ ମହିଳାଙ୍କ ମାମୁଁଙ୍କ ସହ ଯୋଗାଯୋଗ କରି ତାଙ୍କୁ ସୁରକ୍ଷିତ ଭାବେ ସମ୍ପର୍କୀୟଙ୍କ ଘରେ ପହଂଚାଇଥିଲେ । ପରେ ମହିଳାଙ୍କ ବାପା-ମାଆଙ୍କୁ ମଧ୍ୟ ସୂଚନା ଦିଆଯିବା ପରେ ପରିବାର ସହ ତାଙ୍କର ଭାବବିହ୍ୱଳ ପୁନର୍ମିଳନ ଘଟିଥିଲା ।ଏହି ଘଟଣା ସମ୍ପର୍କରେ ଚାଳକ ମୃତ୍ୟୁଞ୍ଜୟ କହିଛନ୍ତି, 'ଜଣେ ଦାୟିତ୍ୱବାନ ନାଗରିକ ଭାବେ ଯାହା କରିବା କଥା, ମୁଁ କେବଳ ସେତିକି କରିଛି । ଗୋଟିଏ ଜୀବନ ବଂଚାଇବା ହିଁ ମୋର ପ୍ରଥମ କର୍ତବ୍ୟ ଥିଲା ।'ଘଟଣା ସମ୍ପର୍କରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଓ ସମାଜସେବୀ ସୁଜାତା ନାୟକଙ୍କୁ ଅବଗତ କରାଯିବା ପରେ ସେ ସଦର ଥାନା ପୁଲିସକୁ ସୂଚନା ଦେଇଥିଲେ ।ମହିଳାଙ୍କ ଅଭିଯୋଗ ଆଧାରରେ ପୁଲିସ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କୁ ପଚରାଉଚରା ପାଇଁ ଡାକିଥିବା ବେଳେ ଘଟଣାର ତଦନ୍ତ ଆରମ୍ଭ କରିଛି ।ଟ୍ରକ୍ ଚାଳକ ମୃତ୍ୟୁଞ୍ଜୟ କୁମାର ଘୋଷଙ୍କ ଏହି ସମୟୋଚିତ ପଦକ୍ଷେପ ଓ ମାନବିକତାକୁ ସବୁଆଡୁ ପ୍ରଶଂସା କରାଯାଉଛି । ଅନେକେ ତାଙ୍କୁ ସମାଜ ପାଇଁ ଜଣେ ପ୍ରକୃତ ମାନବିକ ନାୟକ ବୋଲି ଅଭିହିତ କରିଛନ୍ତି ।



# ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ



ବଲେଶ୍ୱର(ନି.ପ୍ର.)ଜନଗଣନା ୨୦୨୭ ପାଇଁ ବାଲେଶ୍ୱର ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ୨୦୨୭ ର ଜନଗଣନାକୁ ସଫଳ କରିବା ପାଇଁ ଜିଲ୍ଲା ସ୍ତରୀୟ ଜନଗଣନା ହ୍ୟାଣ୍ଡବୁକ ପ୍ରଶିକ୍ଷଣ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆଜି ତା : ୦୭/୦୭/୨୬ ଠାରୁ ଆରମ୍ଭ ହୋଇ ୧୦/୦୭/୨୬ ରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ଜନଗଣନା ପୁସ୍ତିକା ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରରେ ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ତପନ କୁମାର ଖୁଂଟିଆ , ସହାୟକ ଜିଲ୍ଲାପାଳ ସୁବ୍ରତ କୁମାର ଘୋଷ ଏବଂ ସହକାରୀ ନିର୍ଦ୍ଦେଶକ (ଜନଗଣନା) ପ୍ରଫୁଲ୍ଲ କୁମାର ଦାସ , ଡାଟା ପ୍ରସେସିଂ ସହକାରୀ ଅଧିକାରୀ (ଜନଗଣନା) ମହେନ୍ଦ୍ର ପ୍ରସାଦ ମହାଳିକ ଉପସ୍ଥିତ ରହି ଜନଗଣନା ୨୦୨୭ କୁ ସଫଳ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ ପ୍ରସ୍ତୁତି ଓ ଏହା ସମ୍ବନ୍ଧୀୟ ପ୍ରଶିକ୍ଷଣର ବିଶେଷ ଗୁରୁତ୍ୱ ରହିଛି ବୋଲି ପ୍ରଶିକ୍ଷଣ ରେ ଅଂଶଗ୍ରହଣକାରୀ ମାନଙ୍କୁ ଉଦବୋଧନ ଦେଇଥିଲେ । ଉକ୍ତ ପ୍ରଶିକ୍ଷଣ ରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ତହସିଲରୁ ପ୍ରେରିତ ହୋଇଥିବା ରାଜସ୍ୱ ତତ୍ତ୍ୱାବଧାରକ , ରାଜସ୍ୱ ନିରୀକ୍ଷକ , ସହାୟକ ରାଜସ୍ୱ ନିରୀକ୍ଷକ , ଅମିନ ମାନେ ଅଂଶଗ୍ରହଣ କରି ତାଲିମ ଗ୍ରହଣ କରିଥିଲେ । ଜନଗଣନା-୨୦୨୭ ସଫଳ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ (District Census Handbook) ପ୍ରସ୍ତୁତି ଓ ଏହା ସମ୍ବନ୍ଧୀୟ ପ୍ରଶିକ୍ଷଣର ବିଶେଷ ଗୁରୁତ୍ୱ ରହିଛି । ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ ହେଉଛି ଏକ ପ୍ରାମାଣିକ ଦଲିଲ, ଯେଉଁଥିରେ ଜିଲ୍ଲାର ପ୍ରଶାସନିକ ବିବରଣୀ, ଗ୍ରାମ ଓ ସହରର ତାଲିକା, ଜନସଂଖ୍ୟା ସମ୍ବନ୍ଧୀୟ ତଥ୍ୟ, ସାକ୍ଷରତା, କାର୍ଯ୍ୟନିୟୋଜନ, ମୌଳିକ ସୁବିଧା ଓ ଅନ୍ୟାନ୍ୟ ପରିସଂଖ୍ୟାନ ସଂକଳିତ ରହିଥାଏ । ଏହି ହ୍ୟାଣ୍ଡବୁକ୍ ପ୍ରଶାସନ, ଯୋଜନା ପ୍ରସ୍ତୁତି, ଗବେଷଣା ଏବଂ ନୀତି ନିର୍ଦ୍ଧାରଣରେ ଅତ୍ୟନ୍ତ ଉପଯୋଗୀ । ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନଗଣନା ସହ ଜଡ଼ିତ ଅଧିକାରୀ ଓ କର୍ମଚାରୀଙ୍କୁ ହ୍ୟାଣ୍ଡବୁକ୍ ପ୍ରସ୍ତୁତିର ପଦ୍ଧତି, ତଥ୍ୟ ସଂଗ୍ରହ, ପ୍ରଶାସନିକ ସୀମାର ସଠିକତା, କୋଡିଂ ପ୍ରଣାଳୀ, ତଥ୍ୟ ଯାଂଚ ଏବଂ ଡିଜିଟାଲ୍ ତଥ୍ୟ ପରିଚାଳନା ସମ୍ବନ୍ଧରେ ସଠିକ୍ ଜ୍ଞାନ ପ୍ରଦାନ କରିବା । ପ୍ରଶିକ୍ଷଣ ସମୟରେ ଗ୍ରାମ ଓ ସହରର ଅଦ୍ୟତନ ବିବରଣୀ, ମାନଚିତ୍ର ପ୍ରସ୍ତୁତି, ପ୍ରଶାସନିକ ପରିବର୍ତନର ସମନ୍ୱୟ ଏବଂ ତଥ୍ୟର ଶୁଦ୍ଧତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଏ । ଜନଗଣନା-୨୦୨୭ରେ ଆଧୁନିକ ପ୍ରଯୁକ୍ତିର ବ୍ୟବହାର, ଡିଜିଟାଲ୍ ତଥ୍ୟ ସଂଗ୍ରହ ଏବଂ ଅନଲାଇନ୍ ପରିଚାଳନା ପ୍ରଣାଳୀର ଗୁରୁତ୍ୱ ବଢ଼ିଛି । ତେଣୁ ପ୍ରଶିକ୍ଷଣ ମାଧ୍ୟମରେ ଅଧିକାରୀ ଓ କର୍ମଚାରୀମାନେ ନୂତନ ପ୍ରଯୁକ୍ତିର ସଠିକ୍ ବ୍ୟବହାର, ତଥ୍ୟର ଗୋପନୀୟତା, ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତି ଏବଂ ଗୁଣାତ୍ମକ ତଥ୍ୟ ପ୍ରସ୍ତୁତି ସମ୍ପର୍କରେ ଦକ୍ଷତା ହାସଲ କରିଥାନ୍ତି । ଏହି ପ୍ରଶିକ୍ଷଣ ଫଳରେ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତିରେ ଏକରୂପତା, ସଠିକତା ଓ ସମୟାନୁବର୍ତିତା ବଜାୟ ରହିଥାଏ । ଏହା ମାଧ୍ୟମରେ ଜନଗଣନାର ଗୁଣାତ୍ମକ ମାନ ବୃଦ୍ଧି ପାଇବା ସହିତ ଭବିଷ୍ୟତର ବିକାଶମୂଳକ ଯୋଜନା ପ୍ରସ୍ତୁତି ପାଇଁ ନିର୍ଭରଯୋଗ୍ୟ ତଥ୍ୟ ଉପଲବ୍ଧ ହୋଇଥାଏ ।

# ଜାଗ୍ରତ ନାରୀ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ବଲେଶ୍ୱର(ନି.ପ୍ର.)ଜାଗ୍ରତ ନାରୀ ସଂଗଠନର ମୁଖ୍ୟ ମମତା ଦାଶଙ୍କ ନେତୃତ୍ୱରେ ଜୟଶ୍ରୀ ଦାଶ, ସଂଚିତା ଆଢ଼୍ୟ, କଲ୍ୟାଣୀ ଆଚାର୍ଯ୍ୟ, ଛଳନା ଦାସ, ପ୍ରତିଭା ପ୍ରହରାଜ, ଅନନ୍ୟା ଜ୍ୟୋତି, ବିଦ୍ୟୁତପ୍ରଭା ପାଠି, ବାସନ୍ତି ମିଶ୍ର, ତରୁଲତା ସାହୁ, ରୁକ୍ସାନ ବିବି, ଲକ୍ଷ୍ମୀପ୍ରିୟା ମଲ୍ଲିକ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ୨ଟି ବିଷୟ ସମ୍ପର୍କରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରଥମଟି ପାଣ୍ଡିଛକରୁ ନୂଆବଜାର ଲେବୁଲକ୍ରସିଂ ପର୍ଯ୍ୟନ୍ତ ରାସ୍ତା ଅବରୋଧ ହଟାଇବା, ଉଠା ଦୋକାନୀକୁ ଉଚ୍ଛେଦ, ଅଳିଆ ଆବର୍ଜନା ପଚାସଢ଼ା କଦଳୀ, ଆମ୍ବ ଇତ୍ୟାଦି ମୁଖ୍ୟ ରାସ୍ତାରେ ପଡ଼ିରହି ପୋତିମୟ ଗନ୍ଧ ହଟାଇବା ଏବଂ ବେଆଇନ ଭାବେ ରାସ୍ତାର ଦୁଇଧାରରେ ବସୁଥିବା ଉଠା ଦୋକାନୀଙ୍କୁ ତୁରନ୍ତ ହଟାଇବା ପାଇଁ ଦାବି କରିଥିବା ବେଳେ ବର୍ତମାନ ସାଧାରଣ ଜନତା ଓଟରୋଡ଼ ରାସ୍ତାରେ ବହୁବିଧ ଅବାଂଛିତ ଟ୍ରାଫିକ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି । ଟ୍ରାଫିକ ପୋଲସ ଦ୍ୱାରା ପରିଚାଳିତ କୌଣସି ଟ୍ରାଫିକ ପୋଷ୍ଟ ନଥିବାରୁ ଅନେକ ମୂଲ୍ୟବାନ ଜୀବନ ବିପଦରେ ପଡୁଛି । ଉଭୟ ପାର୍ଶ୍ୱରୁ ଅତିକମ୍‌ରେ ୧୦ଫୁଟ୍‌ରୁ ବିଦ୍ୟମାନ ଡିଭାଇଡରକୁ ହଟାଇ ୩ ପାର୍ଶ୍ୱରେ ବୃତକୁ ଚଉଡ଼ା କରିବା ଅତ୍ୟନ୍ତ ଜରୁରୀ । ଏଥିପାଇଁ ଜିଲ୍ଲାପାଳଙ୍କୁ ଦୃଷ୍ଟିଦାବି ହେଉଛି ।

# ସ୍ୱେଚ୍ଛାକୃତ ରକ୍ତଦାନ କରି ଆଶ୍ୱସ୍ତିଲାଭ କରନ୍ତି ରାଧାକୃଷ୍ଣ



ବଲେଶ୍ୱର(ନି.ପ୍ର.) ଯୁବ ବ୍ୟବସାୟୀ ତଥା ଟାଉନଥାନା ଅନ୍ତର୍ଗତ ଦାମୋଦରପୁର ଗ୍ରାମର ରାଧାକୃଷ୍ଣ ଦେ ଓରଫ ରାଜା ୫୮ଥର ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଅନ୍ୟର ଜୀବନ ବଂଚାଇବାରେ ଖୁସିପାଆନ୍ତି ରାଧାକୃଷ୍ଣ । ବର୍ତମାନ ପରିପ୍ରେକ୍ଷୀରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ରକ୍ତର ଅଭାବଥିବା ବେଳେ ଦୈନନ୍ଦିନ ଥାଲାସେମିଆ ରୋଗୀଙ୍କ ସଂଖ୍ୟା ଦିନକୁ ଦନ ବୃଦ୍ଧି ପାଉଛି । ଏପରିସ୍ଥଳେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ରକ୍ତଦାନ ଶିବିର ଆୟୋଜନ କରାଯିବା, ଏମିତିକି ମୁଖ୍ୟ ଚିକିତ୍ସାଳୟରେ ମାତ୍ର ୨୭ ବର୍ଷର ଯୁବକ ରାଜାଭାଇ ରକ୍ତଦାନ କରି ନିଜକୁ ଏକ ଉଦାହରଣ ସୃଷ୍ଟି କରିଛନ୍ତି ।

# ୩୦ କୋଟି ଖର୍ଚ୍ଚ ପରେ ବି ଅନ୍ଧାରରେ ଅଛି ଚାନ୍ଦିପୁର ବିଚ୍ ମେରାଇନ୍ ଡ୍ରାଇଭ୍ ପାଲଟିଛି ଘାସଜଙ୍ଗଲ

ବାଲେଶ୍ୱର,(ନି.ପ୍ର.): ତଟ ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଲେ ମଧ୍ୟ ବାଲେଶ୍ୱର ଚାନ୍ଦିପୁର ବେଳାଭୂମିର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି । ନିମ୍ନମାନର କାମ ଓ ରକ୍ଷଣାବେକ୍ଷଣ ଅଭାବରୁ ସରକାରୀ ପ୍ରକଳ୍ପ ଏବେ ଧୂଳିସାତ୍ ହୋଇଯାଇଛି ।ପ୍ରାୟ ୨ କିମି ଦୈର୍ଘ୍ୟ ମେରାଇନ୍ ଡ୍ରାଇଭ୍ ରେ ଏବେ ପର୍ଯ୍ୟଟକଙ୍କ ପାଇଁ କିଛି ବି ନାହିଁ । ପଥର ବନ୍ଧ ନିର୍ମାଣ ହୋଇଥିଲେ ମଧ୍ୟ ସମଗ୍ର ସମୁଦ୍ର କୂଳ ଏବେ ଘାସବଣରେ ପରିଣତ ହୋଇଛି । ଅର୍ଦ୍ଧ ନିର୍ମିତ ମେରାଇନ୍ ଡ୍ରାଇଭ୍ ରାସ୍ତା ଏବେ ଜଙ୍ଗଲ ପାଲଟି ଯାଇଛି ଏବଂ ରାତିରେ ଉପକୂଳ ଅଂଚଳ ସମ୍ପୂର୍ଣ୍ଣ ଅନ୍ଧକାର ହୋଇଯାଉଛି । ଫଳରେ ସନ୍ଧ୍ୟା ପରେ ପର୍ଯ୍ୟଟକମାନେ ସେଠାକୁ ଯିବାକୁ ଭୟ କରୁଛନ୍ତି ।କ'ଣ ଥିଲା ଯୋଜନା, କ'ଣ ହେଲା ସ୍ଥିତି କିଛି ବର୍ଷ ତଳେ ଜଳସେଚନ ବିଭାଗ ପକ୍ଷରୁ ପ୍ରାୟ ୩୦ କୋଟି ଟଙ୍କା ବ୍ୟୟରେ ଚାନ୍ଦିପୁରରେ ତଟ ସୁରକ୍ଷା କାମ ଆରମ୍ଭ ହୋଇଥିଲା । ୧.୭ କିମି ପଥର ବନ୍ଧ ଉପରେ ମେରାଇନ୍ ଡ୍ରାଇଭ୍, ପର୍ଯ୍ୟଟକଙ୍କ ବସିବା ବ୍ୟବସ୍ଥା, ଗାଡି ପାର୍କିଂ ଓ ସବୁଜୀକରଣର ଡିଜାଇନ୍ ପ୍ରସ୍ତୁତ ହୋଇଥିଲା । ୨୦୨୦ ମସିହାରେ କାମ ଆରମ୍ଭ ହୋଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇ ପାରିନଥିଲା ।ଯାହା କାମ ହୋଇଥିଲା ତାହା ମଧ୍ୟ ଏବେ ନଷ୍ଟ ହୋଇଗଲାଣି । ଅଧିକାଂଶ ସ୍ଥାନରେ ମେରାଇନ୍ ଡ୍ରାଇଭ୍ ଧସି ବଡ ବଡ ଗାତ ହୋଇଯାଇଛି । ପେଭର ବ୍ଲକ ଉପରେ ଘାସ ଓ ଛୋଟ ଗଛ ବଢି ସମ୍ପୂର୍ଣ୍ଣ ଜଙ୍ଗଲ ଭଳି ଦେଖା ଯାଉଛି । ପଥର ପ୍ୟାଚିଂ ମଧ୍ୟରେ ଫାଙ୍କ ଦେଖାଯାଉଛି । ପଥର ପଛପଟେ ପାଣି ଜମି ରହିବାରୁ ଚାରିପାଖ ଲୁଣା ଜମି ପରି ଲାଗୁଛି । ସମୁଦ୍ର କୂଳର ଶେଷ ଭାଗରେ ତ ପାଣି ବି ଦେଖାଯାଉନାହିଁ । ସ୍ଥାନୀୟଙ୍କ ଅଭିଯୋଗ: ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟନ-ନିର୍ଭର ବ୍ୟବସାୟୀମାନେ ଠିକାଦାରଙ୍କ ମନମାନି ଏବଂ ବିଭାଗୀୟ ଅଧିକାରୀଙ୍କ ଅବହେଳାକୁ ଦାୟୀ କରିଛନ୍ତି । କୋଟି କୋଟି ଟଙ୍କା ଖର୍ଚ୍ଚ ପରେ ବି ନା ଉପକୂଳ ସୁରକ୍ଷିତ ହୋଇପାରିଛି, ନା ଚାନ୍ଦିପୁରର ସୌନ୍ଦର୍ଯ୍ୟ ବଢିଛି । ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ ସହ ମେରାଇନ୍ ଡ୍ରାଇଭ୍ ର ପୁନଃନିର୍ମାଣ ପାଇଁ ସେମାନେ ଦାବି କରିଛନ୍ତି । ଏନେଇ ପର୍ଯ୍ୟଟନ ଅଧିକାରୀ ଦାୟିତ୍ୱରେ ଥିବା ଅମ୍ଲାନ ନାୟକ କହିଛନ୍ତି, ପୂର୍ବରୁ ହୋଇଥିବା କାମ ଇରିଗେସନ୍ ବିଭାଗ କରିଥିଲା । ଏବେ ପର୍ଯ୍ୟଟନ ବିଭାଗକୁ ୧.୬୫ କୋଟି ଟଙ୍କାର ନୂଆ ପ୍ରକଳ୍ପ ଆସିଛି । ଏଥିରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ କାମ ହେବ । ଓଡିଶା କୋଷ୍ଟାଲ ଜୋନ୍ ମ୍ୟାନେଜମେଂଟ ଅଥୋରିଟିର ଅନୁମୋଦନ ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ । ଆର୍ ଆଣ୍ଡ ବି ବିଭାଗକୁ କାମ ଦିଆଯାଇଛି । ତେବେ ନୂଆ ପ୍ରକଳ୍ପ କେବେ ଆରମ୍ଭ ହେବ ଏବଂ ଚାନ୍ଦିପୁର ପୁଣି ତାର ପୂର୍ବ ରୂପ ଫେରିପାଇବ କି ନାହିଁ ତାକୁ ନେଇ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶା ଓ ଆଶଙ୍କା ଲାଗି ରହିଛି ।













ବ୍ୟତିବ୍ୟସ୍ତ ହେଲେ ସଫଳତା ମିଳେ ନାହିଁ । ବରଂ ନିଜ କାମକୁ ଯଥା ଭାବେ ସଂପାଦନ କରି ଫଳ ମିଳିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଦରକାର ।

# ଆଜିକାଲି



ତତଃ ଶଙ୍ଖାଶ୍ଚ ଭେର୍ଯ୍ୟଶ୍ଚ ପଣବାନକଗୋମୁଖାଃ ।
ସହସୈବାଭ୍ୟହନ୍ୟନ୍ତ ସ ଶବ୍ଦସ୍ତୁମୁଲୋଽଭବତ୍ ।।

(ଶ୍ରୀମଦ୍ ଭଗବଦ୍ ଗୀତା)

ଭାବାର୍ଥ : ତା'ପରେ ପରେ କୌରବ ପକ୍ଷରେ ବହୁ ଶଙ୍ଖ, ଭେରୀ, ନାଗରୀ, ମର୍ଦ୍ଦଳ ଓ ରଣଶିଙ୍ଗା ଆଦି ବାଦ୍ୟ ଏକ ସଂଗେ ବାଜିଉଠିଲା । ସେ ସବୁର ଶବ୍ଦ ଅତି ଭୟଙ୍କର ହୋଇଥିଲା ।

# ପଂଚସୂତ୍ରୀ ମିଶନ 'ବିଜୟ'

ବିଶ୍ୱର ଭୌଗୋଳିକ ପରିସଂଖ୍ୟାନକୁ ସମୀକରଣ କରାଗଲେ ସବୁକିଛି ଯେପରି ବଦଳିବାରେ ଲାଗିଛି । ଯୁଦ୍ଧ ହେଉ କିମ୍ବା ଜ୍ଞାନ କୌଶଳ ହେଉ ସବୁଥିରେ ଯେପରି ପରିବର୍ତ୍ତନର ଝୁଅ ଦେଖାଯାଉଛି । ବିଶ୍ୱରେ ଯେଉଁଭଳି ଭାବେ ଯୁଦ୍ଧ ପାଇଁ ଗୁଳିଗୋଳା ବର୍ଷଣ ଯୋରସୋରରେ ଲାଗିଛି ଏବଂ ଯେଉଁଥି ପାଇଁ ତା'ର ପ୍ରାଦୟୁଭାବ ଚରିଆଡ଼କୁ ବ୍ୟାପୀ ଯାଇଛି । ଏଭଳି ଅସୁବିଧାର ସମ୍ଭାବନାକୁ ଲକ୍ଷ୍ୟ କରାଯାଇ ଏହି ଜଟିଳ ସମୟରେ ଭାରତୀୟ ସ୍ଥଳସେନାର ନୂତନ ମଂଗୁଆଳ ଭାବେ ଜେନେରାଲ ଧୀରଜ ସେଠ୍‌ଙ୍କ ଦ୍ୱାରା ଉପସ୍ଥାପିତ କରାଯାଇଥିବା ପଂଚସୂତ୍ରୀ ମିଶନ ଭାବେ 'ବିଜୟ' ରୋଡ଼ମ୍ୟାପ୍ ଦେଶର ପ୍ରତିରକ୍ଷା ରଣନୀତିରେ ଏକ ଯୁଗାନ୍ତକାରୀ ପଦକ୍ଷେପ ହେବା ସହିତ ନୂତନ ଦିଗନ୍ତ ଭାବେ ଉଦ୍ଭାସିତ ହୋଇଛି । ଭାରତୀୟ ସେନାର ଲେପ୍ଟନାଂଟ ଧୀରଜ ସେଠ୍‌ଙ୍କ ଏହି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ଆଧୁନିକୀକରଣ ଯେଉଁଭଳି ବିଶେଷଭାବେ ଗୁରୁତ୍ୱ ଦିଆଯାଇଥିବା ସ୍ଥଳେ ସୀମାରେ ଚାଲିଥିବା ଭୟଙ୍କର ଉତେଜନାର ମୁକାବିଲା କରାଯିବା, ଚୀନ ଓ ପାକିସ୍ଥାନ ସୀମାରେ ରଣନୈତିକ ଭିତିଭୂମିକୁ ସୁଦୃଢ଼ କରିବା, ସ୍ୱଦେଶୀ କୌଶଳକୁ ଆପଣେଇବା, ତିନିସେନା ମଧ୍ୟରେ ଉତମ ବୁଝାବଣାର ସମତା ରଖିବା, ବୀରଯବାନ ମାନଙ୍କ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ସେନାବାହିନୀକୁ ନୂତନ ପ୍ରଯୁକ୍ତିବିଦ୍ୟାରେ ଅଳଂକାରିତ କରି ଜାତୀୟ ସୁରକ୍ଷା ଦେବାର ଆହ୍ୱାନର ସଫଳ ମୁକାବିଲା ପାଇଁ ଯେଉଁ ପଂଚସୂତ୍ରୀ ମନ୍ତ୍ର ଦେଇଛନ୍ତି ତାହା ଭାରତୀୟ ସେନାର ଭବିଷ୍ୟତକୁ ଅଧିକ ସୁଦୃଢ଼ ଓ ଆଧୁନିକ କରିବା ପାଇଁ ସମସ୍ତଙ୍କ ମନରେ ଆଶାପୋଷଣ ହୋଇଛି । ଭାରତୀୟସ୍ଥଳସେନାର ସେନାମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଧୀରଜ ସେଠ୍‌ଙ୍କ ଏହିପଂଚସୂତ୍ରୀ ମିଶନ 'ବିଜୟ' ତା'ର ପାଂଚଟି ଦିଗ ଉପରେ ସେ ଫୋକସ କରିଛନ୍ତି । ଯାହାକୁ "ଭି-ଆଇ-ଜେ-ଏ-ୱାଇ" ହେଉଛି 'ବିଜୟ'ର ପାଂଚଟି ପ୍ରମୁଖ ସ୍ତମ୍ଭ ସଦୃଶ । ତା'ର ଅର୍ଥ ହେଉଛି ନିରନ୍ତର ସତର୍କତା । ଭାରତର ଭୌଗୋଳିକ ସ୍ଥିତି ଓ ସୀମାନ୍ତ ବିବାଦକୁ ଦେଖିଲେ ସତର୍କତା ହିଁ ସବୁଠାରୁ ବଡ଼ ପ୍ରତିରକ୍ଷା । ତେଣୁ ସୀମାରେ ସୁରକ୍ଷା ପ୍ରହରୀ ଭାବେ ଥିବା ଯବାନ ମାନଙ୍କୁ ସଦାସର୍ବଦା ପ୍ରସ୍ତୁତ ରହିବାକୁ ସୂଚନା ଦିଆଯାଇଛି । ଯାହଫଳରେ କି ଶତ୍ରୁପକ୍ଷର ସମ୍ଭାବ୍ୟ ଅତର୍କିତ ଆକ୍ରମଣକୁ ପ୍ରତିହତ କରାଯାଇ ପାରିବ

# ପଲ୍ଲୀକବି ନନ୍ଦକିଶୋର



ବିଲ କାମ ସାରି ଗୀତ ଗାଇ ଗାଇ, ବାହୁଡ଼ଇ ଚଷା ଘରେ, ପୋଡପିଠା ମୁଢ଼ି ଖାଇ ମହାସୁଖେ ବସିବ ଚୁଲି ମୁଣ୍ଡରେ । ଅଥବା ଡାମରା କାଉରେ ଡାମରା କାଉ ଉଚ୍ଚ ପରବତେ ବୋବାଉଥାଉ, ଉଚ୍ଚ ପରବତ ଘୁଂଚ୍ ଘୁଂଚିକା ତହିଁରେ ବସିଛି ତିନି ମଞ୍ଜିକା । ଅଥବା ମେଘ ବରଷଇ ଟପର ଟପର କେଶୁର ମାଇଲା ଗଜ, କୋଉ ରାଇଜରେ ରହିଲେ ମୋ ରଜା, ତେଲିଙ୍ଗି ବାଇଦ ବଜା । ଭଳି ଅଭୁଲା ପଦ୍ୟ ମନରେ ଯେଉଁ ଆବେଗ ସୃଷ୍ଟି କରେ, ତାର ପଟାନ୍ତର ନାହିଁ । ଆମ ରାଜ୍ୟର ପାଣି-ପବନ, ଗ୍ରାମ୍ୟ ଜୀବନ ଆଦିକୁ ଏଭଳି ସରଳ ଭାଷା ଓ ଛନ୍ଦରେ ରୂପାୟିତ କରିଯାଇଛନ୍ତି ପଲ୍ଲୀକବି ନନ୍ଦକିଶୋର ବଳ । ତାଙ୍କ କବିତାଗୁଡ଼ିକରେ ପଲ୍ଲୀ ଜୀବନ ଓ ପଲ୍ଲୀ ପ୍ରକୃତିର ଅପୂର୍ବ ବର୍ଣ୍ଣନା ଦେଖିବାକୁ ମିଳେ । ତାଙ୍କ ପଦ୍ୟଗୁଡ଼ିକର ମୂଲ୍ୟାୟନ କରି ବ୍ୟାସକବି ଫକୀରମୋହନ ଲେଖିଥିଲେ – ପଢ଼ିଗଲି ବେଗେ ପଲ୍ଲୀ ପ୍ରସଙ୍ଗ ବାରତା, କେହି କେବେ କହିନାହିଁ ଏ ପ୍ରକାର କଥା । ନନ୍ଦକିଶୋରଙ୍କୁ ପଲ୍ଲୀକବି ଉପାଧି ଜଣେ କେହି ଦେଇନାହିଁ; ଏହା ସମସ୍ତଙ୍କ ଦ୍ୱାରା ପ୍ରଦତ । ଏହା ହିଁ ତାଙ୍କ ସାରସ୍ୱତ ପ୍ରତିଭାର ବିଶେଷତ୍ୱ । ମାହାଙ୍ଗା ଅନ୍ତର୍ଗତ କୁସୁପୁରରେ ଜନ୍ମିତ ନନ୍ଦକିଶୋରଙ୍କ ପିତାଙ୍କ ନାମ ଭଜନାନନ୍ଦ ଜେନା ଓ ମାତାଙ୍କ ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ ରସାନନ୍ଦ ଜେନା ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ନାମ ବଦଳି ହୋଇଥିଲା ନନ୍ଦକିଶୋର ବଳ । ବାଲ୍ୟ ଜୀବନ କଟିଥିଲା କୁସୁପୁରରେ । ଗାଁ ସ୍କୁଲରୁ କଟକର ଟାଉନ ସ୍କୁଲ, ରାଭେନ୍‌ସା କଲେଜିଏଟ୍ ସ୍କୁଲ, କେନ୍ଦ୍ରାପଡ଼ା ଉଚ୍ଚ ଇଂରେଜୀ ବିଦ୍ୟାଳୟ ଓ ରାଭେନ୍‌ସା କଲେଜ । କଲେଜରେ ପଢ଼ିବା ବେଳେ ସେ ପ୍ରଥମେ ପ୍ରବନ୍ଧ ଲିଖନ ପ୍ରତି ଆଗ୍ରହୀ ହୋଇଥିଲେ । ନିଜର ପ୍ରଥମ ପ୍ରବନ୍ଧକୁ ପରେ କବିତା ରୂପ ଦେଇଥିଲେ ଏବଂ ସେଇଟି ହେଉଛି ପଲ୍ଲୀ ଚିତ୍ର । ନିର୍ଝରିଣୀ, ଚାରୁଚିତ୍ର, ବସନ୍ତ କୋକିଳ, ତରଙ୍ଗିଣୀ, ଜନ୍ମଭୂମି, ନିର୍ମାଲ୍ୟ ଆଦି ତାଙ୍କର ଅନ୍ୟ ଶ୍ରେଷ୍ଠ କୃତି । ତାଙ୍କ ଦ୍ୱାରା ଲିଖିତ ଏକମାତ୍ର ଉପନ୍ୟାସ କନକଲତା ମଧ୍ୟ ପଲ୍ଲୀଭିତିକ । ଏହି ଉପନ୍ୟାସ ସଂପର୍କରେ ଆଧୁନିକ ଯୁଗର ବିଶିଷ୍ଟ ଓଡ଼ିଆ କବି ଡ.ମାୟାଧର ମାନସିଂହ ମତ ଦେଇଥିଲେ । ଉପନ୍ୟାନସଟି ପଲ୍ଲୀ ଜୀବନର ଓ ପଲ୍ଲୀ ପ୍ରକୃତିର ସୌରଭ ବିତରଣ କରେ । କଟକରେ ଭକ୍ତକବି ମଧୁସୂଦନଙ୍କ ଦ୍ୱାରା ସ୍ଥାପିତ ଟାଉନ୍ ସ୍କୁଲର ଶିକ୍ଷକ ଭାବେ ନନ୍ଦକିଶୋରଙ୍କ କର୍ମମୟ ଜୀବନ ଆରମ୍ଭ ହୋଇଥିଲା । କିଛି କାଳ ଶିକ୍ଷକତା କଲା ପରେ ସେ ସ୍କୁଲ ସବ୍‌ଇନ୍‌ସପେକ୍ଟର ଭାବେ ପଦୋନ୍ନତି ପାଇଥିଲେ । ବାରମ୍ବାର ଗସ୍ତ, ବଦଳି ଯୋଗୁଁ କ୍ରମେ ସ୍ୱାସ୍ଥ୍ୟ ଭଙ୍ଗ ହୋଇଥିଲା । ଏହି କାରଣରୁ ସ୍ୱେଚ୍ଛାକୃତ ଅବସର ନେଇ ଫେରିଥିଲେ ଗାଁକୁ । ଇଛା ଥିଲା ଅବଶିଷ୍ଟ ଜୀବନ ଗ୍ରାମରେ କଟାଇବେ । ତାହା ହେଲା ନାହିଁ । ଚିକିତ୍ସା ପାଇଁ କଟକ ଆସିଥିଲେ । ଚିକିତ୍ସିତ ହେଉ ଥିବା ବେଳେ ମାତ୍ର ବାଉନ ବର୍ଷ ବୟସରେ ୧୯୨୮ ଜୁଲାଇ ଆଜିର ଦିନରେ ତାଙ୍କର ପରଲୋକ ହୋଇଥିଲା ।

# ବାମପନ୍ଥୀ ଆନ୍ଦୋଳନର ବାଧା ଜାତିବ୍ୟବସ୍ଥା



◆ ଅଧ୍ୟାପକ ଗୋପବନ୍ଧୁ

ଭାରତବର୍ଷରେ ବାମପନ୍ଥୀ ଆନ୍ଦୋଳନ କ୍ରମେ ଦୁର୍ବଳ ହେବାପରି ମନେ ହେଉଛି । ନିକଟରେ ପାଂଚଟି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । କେରଳ ଥିଲା ଶେଷ ବାମପନ୍ଥୀ ଶାସିତ ରାଜ୍ୟ । ଏଠାରେ ମଧ୍ୟ ଏମାନେ ପରାଜିତ ହୋଇଛନ୍ତି । ଅବଶ୍ୟ ଏଠାରେ ନିୟମିତଭାବେ କ୍ଷମତାର ପରିବର୍ତନ ହେଉଛି । ବେଳେ ବେଳେ କଂଗ୍ରେସ ମେଂଟତ କେତେବେଳେ ବାମପନ୍ଥୀ ମେଂଟ କ୍ଷମତାକୁ ଆସୁଛି । ଅର୍ଥାତ୍ ଏହି ରାଜ୍ୟରେ ଏବେବି କିଛିଟା ବାମପନ୍ଥୀ ବିଚାର ବଂଚିଛି । ଏଠାରେ ବାମପନ୍ଥୀମାନେ ବିରୋଧି ଦଳର ଭୂମିକାରେ ଅଛନ୍ତି । ୧୪୦ ଟି ଆସନରୁ ୩୫ ଟିରେ ଜିତିଛନ୍ତି । ଏହି ରାଜ୍ୟବାଦେ ପଶ୍ଚିମବଙ୍ଗ ଓ ତ୍ରିପୁରାରେ ପୂର୍ବରୁ ବାମପନ୍ଥୀ ସରକାର ଥିଲା । ତ୍ରିପୁରାରେ ବାମପନ୍ଥୀମାନେ ବିରୋଧୀ ଦଳର ଆସନରେ ଅଛନ୍ତି ୬୦ ଟିରୁ ୧୦ ଟି ଆସନରେ ଜିତି । ସବୁଠାରୁ ଦୟନୀୟ ଅବସ୍ଥା ପଶ୍ଚିମବଙ୍ଗରେ । ଏହି ରାଜ୍ୟକୁ ଦିନେ ବାମପନ୍ଥୀ ଆନ୍ଦୋଳନର ଏନ୍ତୁଡିଶାଳ ବୋଲି କୁହାଯାଉଥିଲା । ହେଲେ ଗତ ବିଧାନସଭା ନିର୍ବାଚନରେ ବାମପନ୍ଥୀମାନେ, ୨୯୪ ରୁ ମାତ୍ର ଦୁଇଟି ଆସନ ଜିତିବାକୁ ସକ୍ଷମ ହୋଇଛନ୍ତି । ନିକଟ ଭବିଷ୍ୟତରେ ରାଜ୍ୟରେ ପୁନର୍ବାର ବାମପନ୍ଥୀମାନେ କ୍ଷମତାକୁ ଫେରିବା କଷ୍ଟକର ବୋଲି ଚର୍ଚ୍ଚା ହେଉଛି । ଏତତ୍ ବ୍ୟତୀତ ଦେଶର ଅନ୍ୟାନ୍ୟ ରାଜ୍ୟରେ ଏମାନଙ୍କ ଯେଉଁ ସ୍ଥିତିଗତ ଗୁରୁତ୍ୱ ଥିଲା, ତାହା କ୍ରମେ ଦୁର୍ବଳ ହେଉଛି । ନିର୍ବାଚନ ଫଳାଫଳ ଅନୁଯାୟୀ ଦେଶରେ ଦକ୍ଷିଣପନ୍ଥୀ ବିଚାରଧାରା ବିସ୍ତାରଲାଭ କରୁଛି । ବିଜେପି ଏକ ଦକ୍ଷିଣପନ୍ଥୀ ରାଜନୈତିକ ଦଳ । ଏହାର ସହଯୋଗୀମାନେ ମଧ୍ୟ ଦକ୍ଷିଣପନ୍ଥୀ । ମୋଟରେ ଦେଖିବାକୁ ଗଲେ ଏନଡିଏ ଏକ ଦକ୍ଷିଣପନ୍ଥୀ ମେଂଟ । ବିରୋଧି କଂଗ୍ରେସ ମଧ୍ୟ ଏକ ଦକ୍ଷିଣପନ୍ଥୀ ଦଳ । ଏହାର ସହଯୋଗୀ ଇଣ୍ଡିଆ ମେଂଟର ଦଳଗୁଡ଼ିକ ମଧ୍ୟରୁ ସଂଖ୍ୟାଧିକ ହେଉଛନ୍ତି ଦକ୍ଷିଣପନ୍ଥୀ । ତେବେ ଆବଶ୍ୟକତା ଦୃଷ୍ଟିରୁ ଏହି ମେଂଟରେ ବାମପନ୍ଥୀ ଦଳମାନେ ମଧ୍ୟ ରହିଛନ୍ତି । ବର୍ତମାନ କେନ୍ଦ୍ରରେ ଯେଉଁ ସରକାର ଚାଲିଛି ତାହା ହେଉଛି ଦକ୍ଷିଣପନ୍ଥୀ ସରକାର । ପ୍ରାୟ ସମସ୍ତ ରାଜ୍ୟରେ ଦକ୍ଷିଣପନ୍ଥୀ ସରକାର ଚାଲିଛି । ତାମିଲନାଡୁରେ ଯେଉଁ ସରକାର ଚାଲିଛି ତାହା ସମ୍ପୂର୍ଣ୍ଣ ଦକ୍ଷିଣପନ୍ଥୀ ନୁହେଁ । ଏହା ଉପରେ ବାମପନ୍ଥୀ ବିଚାରର ଛାପ ରହିଛି । ଉଭୟ ବିଜେପି ଓ କଂଗ୍ରେସ ଦକ୍ଷିଣପନ୍ଥୀ ହେଲେବି କଂଗ୍ରେସ ଉପରେ କିଛିଟା ବାମପନ୍ଥୀ ଆଭାସ ରହିଛି । ଅନ୍ୟପକ୍ଷରେ ବିଜେପି ଏକ ଶୁଦ୍ଧ ଦକ୍ଷିଣପନ୍ଥୀ ଦଳ । କେତେକ ଏହାକୁ ଅତି ଦକ୍ଷିଣପନ୍ଥୀ ଦଳଭାବେ ସମ୍ବୋଧିତ କରନ୍ତି । ବାମପନ୍ଥୀ ଓ ଦକ୍ଷିଣପନ୍ଥୀ ଦୁଇଟି ପରସ୍ପର ବିରୋଧୀ ବିଚାରଧାରା । ବାମପନ୍ଥୀମାନେ ସାମ୍ୟବାଦରେ ବିଶ୍ୱାସ କରନ୍ତି, ଅର୍ଥାତ ସମାନତାରେ ବିଶ୍ୱାସ କରନ୍ତି । ଏମାନେ ପରିବର୍ତନକାମୀ ଓ ପ୍ରତିକ୍ରିୟାଶୀଳ ରାଜନୀତିରେ ବିଶ୍ୱାସୀ । ସମତାଭିତିକ ଅର୍ଥନୈତିକ ବ୍ୟବସ୍ଥା ଉପରେ ଏମାନେ ଗୁରୁତ୍ୱ ଦିଅନ୍ତି । ବୈଜ୍ଞାନିକ ଆଭିମୁଖ୍ୟ ଓ ହେତୁବାଦୀ ବିଚାର ଦ୍ୱାରା ଏମାନେ ଅଭିପ୍ରେତ । ଶ୍ରେଣୀ ସଂଘର୍ଷ କରିଆରେ ଏମାନେ ପରିବର୍ତନ ଆଣିବାକୁ ଚେଷ୍ଟା କରନ୍ତି । ତେଣୁ ଶ୍ରମିକଶ୍ରେଣୀଙ୍କୁ ସଂଗଠିତ କରିବା ଉପରେ ଗୁରୁତ୍ୱ ଦିଅନ୍ତି । ଅର୍ଥନୈତିକ ଅସମାନତା ଯୋଗୁଁ ସମାଜରେ ଧାର୍ମିକ ଓ ସାଂସ୍କୃତିକ ବ୍ୟଭିଚାର ଦେଖା ଦେଇଛି । ଏହାକୁ ନେଇ ଅନ୍ଧବିଶ୍ୱାସ ଓ କୁସଂସ୍କାର ମଧ୍ୟ ପରିବ୍ୟାପ୍ତ ହୋଇଛି । ତେଣୁ ଏମାନଙ୍କ ଯୁକ୍ତି ଯେ ଆର୍ଥିକ ସମାନତା ଆସିଲେ ଏସବୁ ଆପେ ଦୂରେଇ ଯିବ । ସମାଜରେ ବୈଜ୍ଞାନିକ ଚେତନାର ବିକାଶ ହେବ ଓ ହେତୁବାଦୀ ବିଚାର ଉପରେ ଗୁରୁତ୍ୱ ବଢିବ । ଭାରତବର୍ଷରେ ବାମପନ୍ଥୀମାନେ କେତେଦୂର ଏହି ବିଚାରଧାରାର ଅନୁଗାମୀ ଓ କେତେମାତ୍ରାରେ ସାମାଜିକ ଜୀବନକୁ ପ୍ରଭାବିତ କରିବାକୁ ସକ୍ଷମ ହୋଇଛନ୍ତି ତାହା ସମୀକ୍ଷା ଯୋଗ୍ୟ । ଅନ୍ୟପକ୍ଷରେ ଦକ୍ଷିଣପନ୍ଥୀମାନେ ରକ୍ଷଣଶୀଳ । ପ୍ରଚଳିତ ଧର୍ମ, ସଂସ୍କୃତି ଓ ପରମ୍ପରାର ସମର୍ଥକ । ଏମାନେ ପ୍ରାୟତଃ ପୁଞ୍ଜିବାଦୀ ଅର୍ଥନୀତିରେ ବିଶ୍ୱାସ କରନ୍ତି । ସମାଜିକ ଓ ଆର୍ଥିକ ଅସମାନତା ଇଶ୍ୱର ପ୍ରଦତ । ଆର୍ଥିକ ସମାନତା ଏକ ଅସମ୍ଭବ ବ୍ୟାପାର । ସମାଜରେ ଉଚ୍ଚନୀଚ ସୋପାନ ରହିବ । ଇଶ୍ୱର ସତାକୁ ସ୍ୱୀକାର କରିବାକୁ ପଡିବ । ଏମାନେ ପାଶ୍ଚାତ୍ୟ



ଦେଶରେ ଚର୍ଚ୍ଚର ଆଧିପତ୍ୟକୁ ସ୍ୱୀକାର କରୁଥିଲେ । ଭାରତରେ ମନ୍ଦିର ଓ ମସଜିଦର ଆଧିପତ୍ୟକୁ ସ୍ୱୀକାର କରୁଛନ୍ତି । ପ୍ରାୟତଃ ଦକ୍ଷିଣପନ୍ଥୀମାନେ ଭଗବାନ ବିଶ୍ୱାସୀ । ତାଙ୍କ ଇଛାମତେ ସବୁକିଛି ପରିଚାଳିତ । ଧର୍ମଶାସ୍ତ୍ରମାନଙ୍କରେ ଯାହା ସବୁ ବର୍ଣ୍ଣନା ହୋଇଛି ସେସବୁ ସତ୍ୟ । ଏମାନେ ବିଜ୍ଞାନ ଓ ବୈଜ୍ଞାନିକ ସିଦ୍ଧାନ୍ତକୁ ମାନିବାକୁ ଅନେକ ସମୟରେ କୁଣ୍ଠାବୋଧ କରନ୍ତି । ହେତୁବାଦ ଅନେକ ଧାର୍ମିକ କଥନକୁ ମିଥ୍ୟାବୋଲି ପ୍ରମାଣ କରୁଥିବା ଯୋଗୁଁ ଏହାକୁ ସେମାନେ ଘୋର ବିରୋଧ କରନ୍ତି । ଲୋକମାନଙ୍କ ଭିତରେ ଧର୍ମ ଓ ଇଶ୍ୱର ଭାବନା ପ୍ରସାର କରିବା ଏହିପ୍ରକାର ସରକାରର ଏକ ମୁଖ୍ୟ ଯୋଜନା । ଭାରତବର୍ଷରେ ରାମମନ୍ଦିର ଆନ୍ଦୋଳନ ଏହାର ଏକ ଉଦାହରଣ । ଭାରତରେ ଦକ୍ଷିଣପନ୍ଥୀ ସରକାର ଆସିଲାପରେ ଚାରିଆଡ଼େ ମନ୍ଦିର ନିର୍ମାଣ କାର୍ଯ୍ୟ ବ୍ୟାପକଭାବେ ହେଉଛି । ଗାଁ ଗାଁରେ ମନ୍ଦିର ନିର୍ମାଣ ହେଉଛି । ଭଜନକୀର୍ତନ, ଯଜ୍ଞପ୍ରବଚନ ଆଦି ବଢିବାରେ ଲାଗିଛି । ଯୁକ୍ତି ଓ ତଥ୍ୟଗତ ପ୍ରମାଣ ଅପ୍ରାସଙ୍ଗିକ ହୋଇ ଯାଉଛି । ଆସ୍ଥା ଓ ବିଶ୍ୱାସ ଏଗୁଡ଼ିକର ସ୍ଥାନ ନେଉଛି । ବିଶ୍ୱରେ ଦକ୍ଷିଣପନ୍ଥୀ ସଂଖ୍ୟାବହୁଳ ଧାର୍ମିକ ସରକାର ସଂଖ୍ୟାଲଘୁଙ୍କ ଉପରେ ଅତ୍ୟାଚାର କରିବାର ଦେଖାଯାଏ । ଧାର୍ମିକ ବିବାଦ ଏହାର ବଡ ଦୁର୍ବଳତା । ନିଜ ଧର୍ମ ଶ୍ରେଷ୍ଠ ଓ ଅନ୍ୟଧର୍ମ ନିକୃଷ୍ଟ ଏହି ଧାରଣାର ବଶବର୍ତୀ ଏମାନେ । ପଶ୍ଚିମବଙ୍ଗ, ତ୍ରିପୁରା ଓ କେରଳ ସମେତ ସମଗ୍ର ଭାରତବର୍ଷରେ ବାମପନ୍ଥୀମାନଙ୍କ ପ୍ରତି ସମର୍ଥନ ହ୍ରାସ ପାଉଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ । ଅନ୍ୟପକ୍ଷରେ ଏହାକୁ ମଧ୍ୟ ସ୍ୱୀକାର କରିବାକୁ ପଡିବ ଯେ ଦେଶରେ ଦକ୍ଷିଣପନ୍ଥୀଙ୍କ ପ୍ରତି ସମର୍ଥନ ବଢୁଛି । ଏହାର ଅର୍ଥ କେବଳ ବାମପନ୍ଥୀ ଭୋଟ ଦକ୍ଷିଣପନ୍ଥୀ ଆଡକୁ ଯାଉଛି ତାହା ନୁହେଁ, ଏହା ସହିତ ବିଚାରର ମଧ୍ୟ ପରିବର୍ତନ ହେଉଛି । ଅର୍ଥାତ୍ ବାମପନ୍ଥୀମାନେ କ୍ରମେ ଦକ୍ଷିଣପନ୍ଥୀ ହେଉଛନ୍ତି । ଏପ୍ରକାର ଆଦର୍ଶଗତ ପରିବର୍ତନ ବିଜେପି ପାଇଁ ସୁଖକର ହୋଇପାରେ, କିନ୍ତୁ ବାମପନ୍ଥୀ ରାଜନୈତିକ ଦଳଗୁଡିକ ପାଇଁ ଚିନ୍ତାର ବିଷୟ ନିଶ୍ଚୟ । ବାମପନ୍ଥୀ ଦଳଗୁଡ଼ିକୁ ଆତ୍ମ ସମିକ୍ଷା କରିବାକୁ ପଡ଼ିବ କାହିଁକି ତାଙ୍କ ପ୍ରତି ଜନସମର୍ଥନ ହ୍ରାସ ପାଉଛି । ବାମପନ୍ଥୀମାନେ ପ୍ରାୟତଃ ନାସ୍ତିକ କିମ୍ବା ଅର୍ଦ୍ଧନାସ୍ତିକ । ବିଜେପି ସମେତ ସମସ୍ତ ସହଯୋଗୀ ଦଳର ଲୋକ ମାନେ ଆସ୍ତିକ । ତେଣୁ ଗ୍ରହଣ କରିବାକୁ ପଡିବ ନାସ୍ତିକମାନେ କ୍ରମେ ଆସ୍ତିକ ହେଉଛନ୍ତି । ପଶ୍ଚିମବଙ୍ଗରେ ଦୀର୍ଘ ୩୪ ବର୍ଷର ବାମପନ୍ଥୀ ଶାସନ ପରେ ଏଠାକାର ଜନତା ଟିଏମ୍‌ସି ଆଡକୁ ମୁହାଁଇ ଥିଲେ । ପୁଣି ଟିଏମ୍‌ସିର ୧୫ ବର୍ଷର ଶାସନ ପରେ ସେମାନେ ପୁଣି ବିଜେପି ଆଡକୁ ମୁହାଁଇଛନ୍ତି । ଅର୍ଥାତ୍ ବାମପନ୍ଥୀରୁ ଗତି ଦକ୍ଷିଣପନ୍ଥୀକୁ, ସାମ୍ୟବାଦରୁ ପୁଞ୍ଜିବାଦକୁ । ଭରତବର୍ଷରେ ବାମପନ୍ଥୀ ଆନ୍ଦୋଳନ ନିମ୍ନଗାମୀ ହେବାର କାରଣ ହେଉଛି ଏମାନେ ଭାରତୀୟ ସାମାଜିକ ବିଷମତାକୁ ହଟାଇବା ଦିଗରେ ଉପାଦେୟ ପଦକ୍ଷେପ ନେଇ ନାହାଁନ୍ତି । ଏମାନେ ପାଶ୍ଚାତ୍ୟ ଆର୍ଥିକ ବିଷମତାର ବିଶ୍ଳେଷଣକୁ ଭାରତ ପାଇଁ ସଠିକ ବୋଲି ଧରି ନେଇଛନ୍ତି । ଆର୍ଥିକ ସମାନତା ଆସିଲେ ସାମାଜିକ ସମାନତା ଆସିବ, ତେଣୁ ଶ୍ରମିକ ଶ୍ରେଣୀ ଓ ଦରିଦ୍ର ଲୋକଙ୍କ ଆର୍ଥିକ ବିକାଶ ଉପରେ ନିଜ କାର୍ଯ୍ୟକ୍ରମକୁ ସୀମିତ ରଖିଛନ୍ତି । ସମାଜିକ ଅସମାନତାର ଜଡ ଜାତିପ୍ରଥାକୁ ହଟାଇବାର ପାରଦର୍ଶୀ କାର୍ଯ୍ୟକ୍ରମ ଏମାନଙ୍କ ନୀତିରେ ନାହିଁ । ଏହାକୁ ଏକ ସମସ୍ୟାଭାବେ ଗ୍ରହଣ କରିବାକୁ ଏମାନେ ପ୍ରସ୍ତୁତ ନୁହଁନ୍ତି । ଏହାର କାରଣ ହେଉଛି ଦେଶରେ ବାମପନ୍ଥୀ ଆନ୍ଦୋଳନର ନେତୃତ୍ୱ ସେହି ତଥାକଥିତ ଅଗ୍ରସର ବର୍ଗଙ୍କ ହାତରେ ରହିଛି, ଯେଉଁମାନେ କଦାପି ଚାହାଁନ୍ତି ନାହିଁ ଜାତିବ୍ୟବସ୍ଥାର ସମାପ୍ତ ହେଉ । କିନ୍ତୁ ଏମାନେ ଶ୍ରମିକ ଓ ଦରିଦ୍ର ଲୋକଙ୍କୁ ନେଇ ସଂଗଠନ କରନ୍ତି ଯେଉଁମାନେ ପ୍ରାୟତଃ ସମାଜର ତଥାକଥିତ ତଳଜାତିର ଲୋକ । ତେଣୁ ଶୀର୍ଷନେତା ଓ ତଳକର୍ମୀଙ୍କ ମଧ୍ୟରେ ଭିନ୍ନ ସାମାଜିକ ଭାବନା ରହିଛି । କର୍ମୀମାନେ ଭାବୁଛନ୍ତି ଦକ୍ଷିଣପନ୍ଥୀ ନେତାମାନେ ଯେଉଁପରି ଉଚ୍ଚଜାତିବାଦୀ ଭାବନାର ଶୀକାର, ବାମପନ୍ଥୀ ନେତାମାନେ ମଧ୍ୟ ସେହିପରି ଉଚ୍ଚଜାତିବାଦୀ ଭାବନାରେ ବୁଡ଼ି ରହିଛନ୍ତି । ଖାଲି ଭାଷଣରେ ସମାନତା, କାମରେ ନୁହେଁ । ଆଗକୁ ଭାରତୀୟ ବାମପନ୍ଥୀ ଆନ୍ଦୋଳନର କଠିନ ସମୟ ଆସୁଛି । ଅନ୍ୟ ଏକ ପନ୍ଥୀ ଦେଶରେ କ୍ଷୀପ୍ରଭାବେ ବିସ୍ତାରଲାଭ କରୁଛି, ତାହା ହେଉଛି ଭୀମପନ୍ଥୀ । ଏମାନେ ନା ବାମପନ୍ଥୀରେ ଯାଆନ୍ତି ନା ଦକ୍ଷିଣପନ୍ଥୀରେ ଯାଆନ୍ତି । ଏମାନେ ଆର୍ଥୀକ ସ୍ୱାବଲମ୍ବନଶୀଳ ହେବା ସହିତ ଜାତିବ୍ୟବସ୍ଥା ଓ ଧାର୍ମିକ ପାଖଣ୍ଡବାଦର ବିରୋଧୀ । ଏମାନେ ଡକ୍ଟର ଆମ୍ବେଦକରଙ୍କ ଆଦର୍ଶ ଓ ମାର୍ଗକୁ ଅନୁସରଣ କରନ୍ତି । ବାମପନ୍ଥୀ ତୁଲ୍ୟ ଏମାନଙ୍କ ମଧ୍ୟ ଜନାଧାର ହେଉଛି ସମାଜର ତଳ ସ୍ତରର ଜାତି ମାନେ, ଯେଉଁମାନେ ଜାତିବ୍ୟବସ୍ଥା ଦ୍ୱାରା ଅତ୍ୟାଚାରୀତ ଓ ଶୋଷିତ ହୋଇ ଆସିଛନ୍ତି । ତଫାତ ହେଉଛି ବାମପନ୍ଥୀ ଆନ୍ଦୋଳନର ନେତୃତ୍ୱ ତଥାକଥିତ ଉଚ୍ଚଜାତିମାନେ ନେଉଛନ୍ତି ଓ ଭୀମବାଦୀ ଆନ୍ଦୋଳନର ନେତୃତ୍ୱ ଏମାନେ ନିଜେ ନେଉଛନ୍ତି । ତେଣୁ ବାମପନ୍ଥୀ ଜନାଧାରା କ୍ରମେ ଏମାନଙ୍କ ଆଡକୁ ମୁହାଁଉଛି । ଏମାନେ ଯେତେ ବଢିବେ ବାମପନ୍ଥୀ ଆନ୍ଦୋଳନ ସେତେ ଦୁର୍ବଳ ହେବ । ଭାରତବର୍ଷର ପରିପ୍ରେକ୍ଷୀରେ ବାମପନ୍ଥୀମାନେ ଜାତିଗତ ଅସମାନତାର ସମାଧାନକୁ ଗୁରୁତ୍ୱ ନଦେବା ତାତ୍ୱିକ ତ୍ରୁଟି ପରି ମନେ ହୁଏ । ଭାରତୀୟ ପୁଞ୍ଜିବାଦର ଶକ୍ତି ହେଉଛି ଜାତିବ୍ୟବସ୍ଥା । ଏହା କେବେବି ଶ୍ରମିକ-ଦରିଦ୍ର ଗୋଷ୍ଠୀକୁ ଏକତ୍ରୀତ ହେବାକୁ ଦେବନାହିଁ । ଜାତିବ୍ୟବସ୍ଥା ସର୍ବଦା ଏମାନଙ୍କୁ ଭାଗ ଭାଗ କରି ରଖିବ । ବାମପନ୍ଥୀମାନଙ୍କ ପ୍ରତ୍ୟାବର୍ତନ ସମ୍ଭବପର ଯଦି ଏମାନେ ଉଭୟ ଆର୍ଥିକ ଓ ସାମାଜିକ ବିଷମତାକୁ ସମାନ ଗୁରୁତ୍ୱ ଦିଅନ୍ତି ଏବଂ ନୂତନ ଜାତିରହିତ ପ୍ରଗତୀଶୀଳ ସମାଜର ପରିକଳ୍ପନା କରନ୍ତି । ଏଥିପାଇଁ ଏହାର ଶୀର୍ଷ ନେତୃତ୍ୱକୁ ଜାତି କବଳରୁ ମୁକୁଳିବାକୁ ପଡିବ । କର୍ମୀମାନଙ୍କୁ ଏଦିଗରେ ପ୍ରେରିତ କରିବାକୁ ହେବ । ଜାତିବାଦୀ ଖୋଳ ଭିତରେ ରହି ସାମ୍ୟବାଦୀ ଆନ୍ଦୋଳନ କରାଯାଇ ପାରିବ ନାହିଁ ବୋଲି ହୃଦବୋଧ କରାଇବାକୁ ହେବ । ଆଜିବି ଦେଶରେ ସାମ୍ୟବାଦୀ ଆନ୍ଦୋଳନର ପ୍ରାସଙ୍ଗିକତା ରହିଛି । ଏମାନେ ଜାତିବାଦୀ ବ୍ୟବସ୍ଥାରୁ ବାହାରି ଏକ ନୂତନ ଜାତିବିହୀନ, ବିଜ୍ଞାନସମ୍ମତ ଓ ପ୍ରଗତୀଶୀଳ ସମାଜ ପ୍ରତିଷ୍ଠା ପାଇଁ ଆଗଭର ହେଲେ ପୁଣି ଆନ୍ଦୋଳନ ଆଗକୁ ବଢିପାରିବ । ଅନ୍ୟଥା ସାଧାରଣ ଜନତା ଜାତିବାଦୀ ବାମବାଦ ଛାଡି ଶୁଦ୍ଧ ଦକ୍ଷିଣବାଦ ଆଡ଼େ ମୁହାଁଇବା ନିଶ୍ଚିତ ।

*ଦର୍ଶନ ବିଭାଗ(ଅବସରପ୍ରାପ୍ତ)*
*ବାରିପଦା, ମୟୂରଭଞ୍ଜ,*
*ମୋ. ୭୦୦୮୯୭୬୧୮୦*

# ଜନ୍ମ ଜୟନ୍ତୀ

# ସଂଗ୍ରାମୀ ନେତା ଜ୍ୟୋତି ଦା

◆ ଡ଼ଃ. ଅରୁନ୍ଧତୀ ଦେବୀ



ଭାରତର ଲମ୍ବା ରାଜନୀତି ଇତିହାସରେ ଯେଉଁ ମାନଙ୍କର ଅବଦାନ ଓ ସେବା ମହାନତା ପରବର୍ତୀ ପିଢ଼ୀ ପାଇଁ ଆଲୋକର ପଥ ପ୍ରଦର୍ଶିକା ସାଜିବାରେ ସମର୍ଥ ହୋଇଥିଲା ସେମାନଙ୍କ ଭିତରୁ ପଶ୍ଚିମବଙ୍ଗ ରାଜନୀତିର ଭୀଷ୍ମ ପିତାମହ କୁହାଯାଉଥିବା ଜ୍ୟୋତି ବସୁ ବା ସମସ୍ତଙ୍କ ପ୍ରିୟ ଜ୍ୟୋତି ଦା ଅନ୍ୟତମ । କେନ୍ଦ୍ରରେ ଏପରି ଏକ ସମୟ ବି ପହଂଚିଥିଲା ଯେତେବେଳେ ତାଙ୍କ ପାଖରେ ପ୍ରଧାନମନ୍ତ୍ରୀ ପଦ ବି ପହଂଚିଥିଲେ ବି ସେ କିନ୍ତୁ ଏହା ପାଇଁ ଲାଳାୟିତ ନଥିବାର ପ୍ରମାଣ ବି ଦେଇଥିଲେ । ହୁଏତ ସେତେବେଳର ରାଜନୈତିକ ଘଟଣାବଳୀର ମୋଡ଼ ଭିନ୍ନ ଥିଲା । ଭାରତୀୟ ରାଜନୀତିରେ ଲମ୍ବା ମାରାଥନ୍ ବିତାଇଥିବା ଏହି କିମ୍ବଦନ୍ତୀ ରାଜନେତା କଲିକତାର ଏକ ଉଚ୍ଚ ମଧ୍ୟବିତ ବଙ୍ଗାଳୀ ପରିବାରରେ ୧୯୧୪ ମସିହା ଜୁଲାଇ ୮ ତାରିଖରେ ଜନ୍ମ ହୋଇଥିଲେ ଜ୍ୟୋତି ବସୁ । ତାଙ୍କ ପିତା ନିଶିକାନ୍ତ ବସୁ ପେସାରେ ଜଣେ ଡାକ୍ତର ଥିଲେ । ୧୯୨୦ ମସିହାରେ କଲିକତାର ଲରେଟୋ ସ୍କୁଲରେ ତାଙ୍କର ଶିକ୍ଷା ଆରମ୍ଭ ହୋଇଥିଲା । ସ୍କୁଲକୁ ଯିବା ପୂର୍ବରୁ ତାଙ୍କ ନାଁ ଜ୍ୟୋତିନ୍ଦ୍ର ବସୁ ଥିଲା । କିନ୍ତୁ ସ୍କୁଲରେ ପଢ଼ିବା ପରେ ତାଙ୍କ ନାମକୁ ଛୋଟ କରି ଜ୍ୟୋତି ବସୁ ରଖାଗଲା । ପ୍ରେସିଡେନ୍ସି କଲେଜରୁ ୧୯୩୫ ମସିହାରେ କଲେଜ ଶିକ୍ଷା ସମାପ୍ତ କରିବା ପରେ ଆଇନ ଶିକ୍ଷା ପାଇଁ ସେ ଇଂଲଣ୍ଡ ଚାଲିଯାଇଥିଲେ । ସେଠାରେ ହିଁ ଗ୍ରେଟ ବ୍ରିଟେନର କମ୍ୟୁନିଷ୍ଟ ପାର୍ଟି ଜରିଆରେ ରାଜନୀତିରେ ପ୍ରଥମେ ପାଦ ରଖିଥିଲେ । ଇଂଲଣ୍ଡରେ ସେ ବିଶିଷ୍ଟ ଲେଖକ ତଥା କମ୍ୟୁନିଷ୍ଟ ଦାର୍ଶନିକ ରଜନୀ ପାଲମୀ ଦତଙ୍କ ଦ୍ୱାରା ପ୍ରେରିତ ହୋଇ ରାଜନୀତି ଆଡ଼କୁ ଅଧିକ ଆକର୍ଷିତ ହୋଇ ଥିଲେ । ୧୯୪୦ ମସିହାରେ ସେ ଇଂଲଣ୍ଡରୁ ଆଇନ ଶିକ୍ଷା ସମାପ୍ତ କରି ଭାରତକୁ ପ୍ରତ୍ୟାବର୍ତନ ପରେ ପ୍ରଥମେ କଲିକତା ଉଚ୍ଚନ୍ୟାୟାଳୟରେ ସେ ଓକିଲଭାବେ କାର୍ଯ୍ୟ ଆରମ୍ଭ କଲେ । ୧୯୪୪ ମସିହାରେ ସେ ଶ୍ରମିକ ସଂଘରେ ଯୋଗ ଦେଇ ସିପିଆଇ ତରଫରୁ ରେଳ ଶ୍ରମିକଙ୍କ ସହିତ କାମ କରିବା ଆରମ୍ଭ କରି ପରେ ସଂଘର ସାଧାରଣ ସଂପାଦକ ହୋଇ ଥିଲେ । ଇଂଲଣ୍ଡରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ଏକାଠି କରି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବା ପାଇଁ ସେ ଖୁବ୍ ପରିଶ୍ରମ କରିଥିଲେ । ଏହିଠାରୁ ଆରମ୍ଭ ହୋଇଥିଲା ତାଙ୍କର ରାଜନୀତି କ୍ୟାରିୟର । ଭାରତୀୟ ଛାତ୍ର ମାନଙ୍କୁ ନେଇ ଗଠିତ ହୋଇଥିବା ଇଣ୍ଡିଆନ୍ ଲିଗ୍ ଓ ଲଣ୍ଡନ ମଜ୍‌ଲିସରେ ପ୍ରଥମେ ଯୋଗ ଦେଇ ପରବର୍ତୀ ସମୟରେ ସେ ଲଣ୍ଡନ ମଜ୍‌ଲିସ୍‌ର ସାଧାରଣ ସଂପାଦକ ଭାବେ କାର୍ଯ୍ୟଭାର ଗ୍ରହଣ କଲେ । ସଂପାଦକଭାବେ ପ୍ରଥମେ ସେ ଜବାହାରଲାଲ ନେହେରୁ, ସୁବାଷ ଚନ୍ଦ୍ର ବୋଷଙ୍କ ପରି ରାଜନେତାମାନଙ୍କ ବିଦେଶ ଗସ୍ତର ସମସ୍ତ ଆୟୋଜନ କରୁଥିଲେ । ଏହିପରି ଭାବରେ ସେ ଭାରତର ବିଶିଷ୍ଟ ରାଜନେତା ତଥା ସ୍ୱାଧୀନତା ସଂଗ୍ରାମୀମାନଙ୍କ ସଂସ୍ପର୍ଶରେ ଆସିବାକୁ ଲାଗିଲେ । ଯାହାକି ତାଙ୍କ ଜୀବନକୁ ଗଭୀର ଭାବେ ପ୍ରଭାବିତ କରି ପାରିଥିଲା । ୧୯୪୬-୪୭ ମସିହାରେ ପଶ୍ଚିମବଙ୍ଗରେ ହୋଇଥିବା ଗୋଷ୍ଠୀ ସଂଘର୍ଷ ଓ ଶ୍ରମିକମାନଙ୍କ ହରତାଳ ସମୟରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ । ଅନ୍ୟ ଅର୍ଥରେ କହିବାକୁ ଗଲେ ଜ୍ୟୋତି ବସୁ ଜଣେ ରାଜନେତା ସହିତ ଏକ ସ୍ୱାଧୀନତା ସଂଗ୍ରାମୀ ମଧ୍ୟ ଥିଲେ । ଦେଶ ସ୍ୱାଧୀନ ହେବା ପରେ ତାଙ୍କୁ ୧୯୫୨-୯୬ ମସିହା ପର୍ଯ୍ୟନ୍ତ ପଶ୍ଚିମବଙ୍ଗ ବିଧାନସଭା ପାଇଁ ନିର୍ବାଚିତ କରାଯାଇଥିଲା । ରାଜନୀତିରେ ନିଷ୍ଠାଭାବ ଯୋଗୁଁ ବସୁ ଖୁବ୍ ଶୀଘ୍ର ସାଧାରଣ ଜନତାଙ୍କ ପ୍ରିୟ ହୋଇଯାଇଥିଲେ । ତାଙ୍କର ନିଷ୍ଠାପରତା ଯୋଗୁଁ ୧୯୬୭-୬୯ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ଉପମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ । ଜ୍ୟୋତି ଦା ନିଜ ରାଜନୀତି ଜୀବନରେ ଅନେକ ଉତାନ ପତନ ଦେଖିଛନ୍ତି । କିନ୍ତୁ କେବେ ସମସ୍ୟା ଆଗରେ ନଇଁ ନାହାନ୍ତି । ଏପରିକି ୧୯୭୦ ମସିହାରେ ତାଙ୍କୁ ପାଟନା ରେଳ ଷ୍ଟେସନରେ ହତ୍ୟା କରିବାର ଉଦ୍ୟମ କରାଯାଇଥିଲା । ହେଲେ ଏହା ସତ୍ୱେ ସେ ଡରି ନଯାଇ ରାଜନୀତିରେ ପୂର୍ବପରି ସକ୍ରିୟ ରହିଲେ । ଏହି ଘଟଣା ପରେ ପରିସ୍ଥିତି ଏପରି ପହଂଚିଲା କି ୧୯୭୨ ମସିହା ନିର୍ବାଚନରେ କଂଗ୍ରେସ ପଶ୍ଚିମବଙ୍ଗ ଶାସନକୁ ଆସିବା ସହିତ ସେ ବଡ଼ନଗର ବିଧାନସଭା ହାରିଗଲେ । କିନ୍ତୁ ଏତିକିରେ ତାଙ୍କ ରାଜନୀତି ଜୀବନ ଶେଷ ହୋଇ ଯାଇନଥିଲା । ୧୯୭୭ ମସିହାରେ ସେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହେଲେ । ୫କି ୧୦ନୁହେଁ ଦୀର୍ଘ ୨୩ ବର୍ଷ କାଳ ଏହି ଆସ୍ଥାନ ଜମାଇ ରଖି ଭାରତରେ ଏକ ରେକର୍ଡ଼ ସୃଷ୍ଟି କରିଥିଲେ । ଏହି ସମୟରେ ସେ ପ୍ରଧାନମନ୍ତ୍ରୀ ହେବା ପାଇଁ ମଧ୍ୟ ସଜ ହେଉଥିଲେ କିନ୍ତୁ ନିଜ ଦଳର ବିରୋଧ ଯୋଗୁଁ ପଛଘୁ□। ଦେଇଥିଲେ । ଯାହାକି ସବୁଠାରୁ ବଡ଼ ଭୁଲ ଥିଲା ବୋଲି ପଛରେ ସମସ୍ତେ ସ୍ୱୀକାର କଲେ । ତାଙ୍କ ଶାସନ କାଳ ଥିଲା ପଶ୍ଚିମବଙ୍ଗ ପାଇଁ ଏକ ସୁଖମୟ ସମୟ । ଚାଷୀମାନେ କ୍ଷେତରେ ସୁନାର ଫସଲ ଫଳିଲା । ବାମ ଦଳ ଶାସନକୁ ଆସିବା ପରେ କୃଷି ଅଭିବୃଦ୍ଧିରେ ପଶ୍ଚିମବଙ୍ଗ ଭାରତରେ ସର୍ବୋଚ୍ଚ ସ୍ଥାନ ହାସଲ କରିଥିଲା । କେବଳ ସେତିକି ନୁହେଁ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ସମୟରେ ସବୁଆଡ଼େ ଶିଖମାନଙ୍କ ହିଂସା ଆରମ୍ଭ ହୋଇଯାଇ ଥିବାବେଳେ ପଶ୍ଚିମବଙ୍ଗ ଉପରେ ଏହାର କୌଣସି ପ୍ରଭାବ ପଡ଼ିପାରିନଥିଲା । ଏହା କେବଳ ଜ୍ୟୋତି ବସୁଙ୍କ ପାଇଁ ସମ୍ଭବ ହୋଇପାରିଥିଲା । ୧୯୭୭ରୁ ୨୦୦୦ ମସିହା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପଦରେ ରହିବା ପରେ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ସେ ୨୦୦୦ ମସିହାରେ ଏଥିରୁ ଇସ୍ତଫା ଦେଇଥିଲେ । ଶେଷରେ ୨୦୧୦ ମସିହା ୯୫ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା ।

*ନିର୍ଦ୍ଦେଶିକା-ସମ୍ପାଦିକା,*
*ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ :*
*୯୯୩୭୧୭୨୮୧୦*





# ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣୀ ଅନୁଷ୍ଠିତ

## ମୋଟ ୨୬୪ ଗୋଟି ଅଭିଯୋଗର ହେଲା ଶୁଣାଣି : ୧୪ ଅଭିଯୋଗର ତତକ୍ଷଣାତ୍ ସମାଧାନ



ବାରିପଦା : ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲାପାଳ ହେମକାନ୍ତ ସୟ୍ ଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଂଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଶ୍ରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ ବିଶ୍ୱନାଥ ଦାସ, ବାରିପଦା ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗର ଶୁଣାଣି କରିଥିଲେ । ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୬୪ ଗୋଟି ଅଭିଯୋଗର ଶୁଣାଣି କରାଯାଇଛି । ଏଥିରେ ୨୪୯ ଗୋଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୧୫ ଗୋଟି ସାମୁହିକ ସମସ୍ୟା ସମ୍ବଳିତ ଅଭିଯୋଗ ହୋଇଛି । ତନ୍ମଧ୍ୟରୁ ୧୪ ଗୋଟି ଅଭିଯୋଗର ତତକ୍ଷଣାତ୍ ସମାଧାନ ଜନ ଅଭିଯୋଗ ଶିବିରରେ କରାଯାଇଛି । ଏହାସହ ୧୧ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଓ ୨ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେହିପରି ଆଜିର ଜନ ଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ସୟ୍ ନିର୍ଦ୍ଦେଶ ଦେଇଛନ୍ତି । ଜନ ଅଭିଯୋଗ ଶୁଣାଣୀ ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ସଫଳ କରିଥିଲେ ।

# ବେସାହାରାଙ୍କୁ ୪୦ଟି ଛତା ବଂଟନ

ଜଳେଶ୍ୱର : ବର୍ଷା ଦିନିଆ ବେସାହାରା ଓ ଭୀକାରୀ ବର୍ଷାରେ ଭିଜୁଥିବା ବେଳେ ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାର ଦ୍ୱାରା ସେମାନଙ୍କୁ ଛତା ବଂଟନ କରାଯାଇଛି । ରବିବାର ଦ୍ୱିପ୍ରହରରେ ସମାଜସେବୀ ହରି ଶଙ୍କର ପଣ୍ଡା ଙ୍କ ନେତୃତ୍ୱରେ ଦୁଇ କୁନି ପୁଅ ଲିପୁନ ,ଜିତୁନ ସହାୟତା ରେ ୪୦ ଜଣ ନିରାଶ୍ରୟ ଙ୍କୁ ଛତା ବଂଟନ କରାଯାଇଥିଲା । ଷ୍ଟେସନ ବଜାର କାଳୀ ମନ୍ଦିର ସନ୍ନିକଟ ରେ ଥିବା ଦୋକାନୀ ପବିତ୍ର ଦେବନାଥ ଛତାଗୁଡ଼ିକ ଦାନ କରିଥିବା ବେଳେ ପ୍ରତିଦିନ ଭଳି ସଂଗଠନ ପକ୍ଷରୁ ମଧ୍ୟାହ୍ନ ଭୋଜନ ପ୍ରଦାନ ହୋଇଥିଲା ।

# ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ସମ୍ବଲପୁର : (ହି.ସ.) କୁଲତା ସମାଜ ସମ୍ବଲପୁର ସେବା ସଦନ ଦାନୀପାଲି ଠାରେ ରଣେଶ୍ୱର ରାମଚଣ୍ଡୀ ସେବା ସମିତି ଓ ସମ୍ବଲପୁର ବନ ବିଭାଗ ମିଳିତ ଆନୁକୂଲ୍ୟରେ ଏକ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା ଏହି ସବୁ କୃପାସିନ୍ଧୁ ଖମାରି, ସଭାପତି କୁଲତା ସମାଜ ସମ୍ବଲପୁର ଙ୍କର ସଭାପତିତ୍ୱ ରେ ଓ ସାଗର ସାହୁ ଟାଉନ ଫରେଷ୍ଟର ଙ୍କ ସହାୟତା ରେ ଅନୁଷ୍ଠିତ ହେଇଥିଲା । ଶେଷ ରେ ରାମଚଣ୍ଡୀ ସେବା ସଦନ ପରିସର ଭିତରେ ଓ ବାହାରେ ବୃକ୍ଷରୋପଣ କରାଯାଇଥିଲା ଓ ସହର ବାସୀଙ୍କୁ ଚାରା ବଂଟନ କରାଯାଇଥିଲା । କାର୍ଯ୍ୟକ୍ରମ ରେ ରଣେଶ୍ୱର ରାମଚଣ୍ଡୀ ସେବା ସମିତି ଏବଂ କୁଲତା ସମାଜ ସମ୍ବଲପୁରର ସଭାପତି କୃପାସିନ୍ଧୁ ଖମାରୀ, ସାଧାରଣ ସମ୍ପାଦକ ରଞ୍ଜନ ପାତ୍ର , ଜଟା ଭୁଷଣ ସାହୁ ,ହରାଧନ ପ୍ରଧାନ ,ଦେବୀ ପ୍ରସାଦ ଭୋଇ ,ସରୋଜ ପ୍ରଧାନ ,ଦେବଦତ ସାହୁ ,ନିର୍ମଳ ପ୍ରଧାନ , ସୁପ୍ରଭା ପ୍ରଧାନ, ପ୍ରଦୀପ ସାହୁ , ଆନନ୍ଦ ପ୍ରଧାନ , ଅଭିରାମ ଖମାରୀ , ପ୍ରେମାନନ୍ଦ ସାହୁ ,ଅକ୍ଷୟ ପ୍ରଧାନ, ଦେବବ୍ରତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ହଷ୍ଟେଲ ଛାତ୍ର ମାନେ ସହଯୋଗ କରିଥିଲେ । ସୋମବାର ଦିନ ୧୦ ଟା ରେ ବୁଢାରଜା ପାହାଡ଼ରେ ରଣେଶ୍ୱର ରାମଚଣ୍ଡୀ ସେବା ସମିତି ପକ୍ଷରୁ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି ।

# ନିଶାମୁକ୍ତ ଗ୍ରାମ ଅଭିଯାନ-ନିଶା ଛାଡ଼ନ୍ତୁ, ପରିବାର ବଂଚାନ୍ତୁ

ଜୟପୁର : (ହି.ସ.)କୋରାପୁଟ ଜିଲ୍ଲା କୁନ୍ଦ୍ରା ବ୍ଲକର ଫୁପୁଗାଁ ଓ ଲିମା ଗ୍ରାମରେ ଜୟପୁର ଉପଜିଲ୍ଲାପାଳଙ୍କ ଅଧକ୍ଷତାରେ ବେଆଇନ ମଦ, ମାଦକଦ୍ରବ୍ୟ ଏବଂ ଅନ୍ୟାନ୍ୟ ନିଶାଦ୍ରବ୍ୟ ବିରୋଧରେ ଏକ ସଚେତନତା ସହ ପ୍ରବର୍ତନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଫୁପୁଗାଁ ଓ ଲିମା ଗ୍ରାମପଂଚାୟତ କାର୍ଯ୍ୟାଳୟରେ ସଭା ଅନୁଷ୍ଠିତ ହେବା ସହ ମାଇକ୍ ଯୋଗେ ସଚେତନତା ପ୍ରଚାର ମଧ୍ୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା ଅବକାରୀ ଅଧୀକ୍ଷକ, କୁନ୍ଦ୍ରା ବିଡିଓ, କୁନ୍ଦ୍ରା ଅତିରିକ୍ତ ତହସିଲଦାର, କୁନ୍ଦ୍ରା ଥାନା ଅଧିକାରୀ, ନନ୍ଦପୁର ଅବକାରୀ ନିରୀକ୍ଷକ, ଫୁପୁଗାଁ ଓ ଲିମା ଗ୍ରାମପଂଚାୟତର ସରପଂଚ, କୁନ୍ଦ୍ରା ବ୍ଲକ ଉପାଧକ୍ଷ, ପଂଚାୟତିରାଜ ପ୍ରତିନିଧି, ଅବକାରୀ ବିଭାଗ, ରାଜସ୍ୱ ବିଭାଗ, ବ୍ଲକ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟାନ୍ୟ ସରକାରୀ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ବେଆଇନ ମଦ, ମାଦକଦ୍ରବ୍ୟ, ସାଇକୋଟ୍ରୋପିକ ପଦାର୍ଥ, ତମାଖୁ ଏବଂ ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନର କ୍ଷତିକାରକ ପ୍ରଭାବ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା । ନିଶାସେବନ ଯୋଗୁଁ ସ୍ୱାସ୍ଥ୍ୟ, ପରିବାର, ସମାଜ ଏବଂ ଅର୍ଥନୈତିକ କ୍ଷେତ୍ରରେ ହେଉଥିବା କୁପ୍ରଭାବ ବିଷୟରେ ବିସ୍ତୃତ ଭାବେ ଅବଗତ କରାଯିବା ସହ ସମସ୍ତ ପ୍ରକାରର ନିଶାଠାରୁ ଦୂରେଇ ଏକ ସୁସ୍ଥ ଓ ନିଶାମୁକ୍ତ ଜୀବନ ଗଢ଼ିବାକୁ ଆହ୍ୱାନ କରାଯାଇଥିଲା । ସମାଜକୁ ନିଶାମୁକ୍ତ କରିବା ଏବଂ ବେଆଇନ ମଦ ଓ ମାଦକଦ୍ରବ୍ୟ ବିରୋଧରେ ସରକାରଙ୍କ ଅଭିଯାନକୁ ସଫଳ କରିବା ପାଇଁ ସାଧାରଣ ଲୋକଙ୍କୁ ସକ୍ରିୟ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା । ଏହାସହ ପ୍ରବର୍ତନମୂଳକ କାର୍ଯ୍ୟକ୍ରମ ଅନ୍ତର୍ଗତ ଉକ୍ତ ଗ୍ରାମଗୁଡ଼ିକରେ ବେଆଇନ ମଦ ଏବଂ ଅନ୍ୟାନ୍ୟ ନିଷିଦ୍ଧ ନିଶାଦ୍ରବ୍ୟର ଅବୈଧ ପ୍ରସ୍ତୁତି, ଗଚ୍ଛିତକରଣ, ପରିବହନ ଓ ବିକ୍ରିକୁ ରୋକିବା ପାଇଁ ଯାଂଚ ଓ ତଦାରଖ କରାଯାଇଥିଲା । ଉପଖଣ୍ଡ ପ୍ରଶାସନ ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଉପଖଣ୍ଡର ବିଭିନ୍ନ ଅଂଚଳରେ ଏଭଳି ସଚେତନତା ସହ ପ୍ରବର୍ତନମୂଳକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ପୁନର୍ବ୍ୟକ୍ତ କରାଯାଇଥିଲା ।

# ‘ଭଦ୍ରାଣୀ’ର ପୁସ୍ତକ ଲୋକାର୍ପଣ ସମାରୋହ

## ପୁସ୍ତକ ହେଉଛି ଜ୍ଞାନର ରୂପମୟ ପରିପ୍ରକାଶ : ବକ୍ତା

ଭଦ୍ରକ : (ହି.ସ.) - ‘ଈଶ୍ୱରଙ୍କ ସୃଷ୍ଟିର ତିନୋଟି ଅନବଦ୍ୟ ମହାକାବ୍ୟ ମଧ୍ୟରୁ ଜ୍ଞାନ ଅନ୍ୟତମ, ଯାହା ଭାବସ୍ଥିତିରେ ଉଦ୍‌ଭାଷିତ ହେଉଥାନ୍ତି । କ୍ରାନ୍ତଦର୍ଶୀ ମନୀଷୀମାନେ ଜ୍ଞାନଙ୍କୁ ଦର୍ଶନ କରି ତାହାଙ୍କୁ ପରିପ୍ରକାଶ କରିଥାନ୍ତି । ଲିପିର ଉଦ୍‌ଭାବନ ପରେ ସେହି ଜ୍ଞାନ ପୁସ୍ତକ ଆକାରରେ ପ୍ରକାଶ ପାଇଲା । ଆମ ଜଗତ ଓ ଜୀବନକୁ ସମୃଦ୍ଧ କରୁଥିବା ପ୍ରତିଟି ବିଭବର ପ୍ରତିଟି ପୁସ୍ତକ ଆମ ସମାଜର ରାଜରାସ୍ତାକୁ ପ୍ରଶସ୍ତ ଏବଂ ପରିଚ୍ଛନ୍ନ କରିଥାଏ ଏବଂ ଆମକୁ ମାର୍ଗଦର୍ଶନ କରିଥାଏ । ଗୋଟିଏ ପରେ ଗୋଟିଏ ପୁସ୍ତକ ସାରା ସଂସାରକୁ ଅହରହ ଆଲୋକିତ କରୁଥାନ୍ତି , ସଂସାରର ଭବିଷ୍ୟତର ମାର୍ଗ ପରିଛନ୍ନ କରୁଥାନ୍ତି । ଫଳରେ ବାମନର ତୃତୀୟ ପାଦ ଭଳି ଜ୍ଞାନର ଭଣ୍ଡାର ସର୍ବଦା ପ୍ରସାରିତ ହେଉଥାଏ । ଅନେକ ସମୟରେ ସେହି ରତ୍ନର ସ୍ପର୍ଶ ଏବଂ ସାନିଧ୍ୟରେ ଜୀବନ ଧନ୍ୟ ହୋଇଯାଏ । ଜଣେ ସାଧାରଣ ମଣିଷ ମୋହନ ଦାସ କରମ ଚାନ୍ଦ ଗାନ୍ଧି ଜନ୍ ରସକିନଙ୍କର ‘ଅନ୍ ଟୁ ଦିଶ୍ ଲାଷ୍ଟ୍’ ଶୀର୍ଷକ ପୁସ୍ତକ ଅଧ୍ୟୟନ କରିବା ପରେ ମହାତ୍ମାରେ ରୂପାନ୍ତରିତ ହୋଇଯାଆନ୍ତି । ମହାତ୍ମା ଗାନ୍ଧିଙ୍କ ଆତ୍ମଜୀବନୀର ଗୋଟିଏ ଅଧ୍ୟାୟ ହେଉଛି - ଗୋଟିଏ ବହିର କୁହୁକ । ହାରିଏଟ ବିଚର ଷ୍ଟୋଙ୍କ ରଚିତ ‘ଅଙ୍କଲ ଟମସ୍ କାବିନ’ ପୁସ୍ତକ ଆମେରିକାରୁ ଘୃଣିତ କ୍ରୀତଦାସପ୍ରଥା ବିଲୋପରେ ସହାୟକ ହୁଏ । ପାରଂପରିକ ଦୃଷ୍ଟିରୁ ଅନୁଶୀଳନ କଲେ ଶ୍ରୀମଦ୍ ଭଗବତ ଗୀତା ଗୋଟିଏ ପୁସ୍ତକ, ଯାହା ସଂପର୍କରେ ମହାତ୍ମା ଗାନ୍ଧି କହିଥିଲେ - ମୋ ଜୀବନରେ ଯେତେବେଳେ ସଙ୍କଟ ଆସେ,ଶ୍ରୀମଦ୍ ଭଗବତ ଗୀତାର ଯେକୌଣସି ପୃଷ୍ଠା ଖୋଲିଦେଲେ ତାହାର ସମାଧାନ ପାଇଯାଏ । ଏହା ହିଁ ହେଉଛି ପୁସ୍ତକର ଗୌରବମଣ୍ଡିତ ମହିମା ।’ ଭଦ୍ରକର ପ୍ରତିଷ୍ଠିତ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ “ଭଦ୍ରାଣୀ” ଆନୁକୂଲ୍ୟରେ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ସୁସାହିତ୍ୟିକ ଅଭୟ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଆୟୋଜିତ ଲୋକାର୍ପଣ ସମାରୋହରେ ଅତିଥି ବକ୍ତାମାନେ ଏହା ବ୍ୟକ୍ତ କରିଛନ୍ତି । ଏହି ସମାରୋହରେ ସ୍ୱନାମଧନ୍ୟ ପ୍ରାଧ୍ୟାପକ ଡ଼.ବ୍ରଜମୋହନ ମିଶ୍ରଙ୍କ ‘ଓଠରୁ ନୁହେଁ’ ଏବଂ ସଂସ୍କୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼.ପ୍ରମୋଦ ନାୟକଙ୍କ’ଯୁଗକୁ ଯବକାଚ’ ପୁସ୍ତକ ଉନ୍ମୋଚିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଭଦ୍ରକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର ଯୋଗଦେଇ ଦୁଇଟି ପୁସ୍ତକ ସଂପର୍କରେ ବ୍ୟାଖ୍ୟା କରିଥିଲେ । ଚରଂପା ମହାବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରାଧ୍ୟାପିକା ଡ.ସୁକାନ୍ତି ମହାପାତ୍ର ‘ଓଠରୁ ନୁହେଁ’ ପୁସ୍ତକ ସଂପର୍କରେ କହିଥିଲେ ଯେ ଏହା ଏକ କାଳଜୟୀ ପୁସ୍ତକ ଏବଂ ସମାଜର ପ୍ରତିଟି ବର୍ଗର ବ୍ୟକ୍ତିଙ୍କୁ ମାର୍ଗଦର୍ଶନ କରୁଥିବ । ଡ.ପ୍ରମୋଦ ନାୟକଙ୍କ ‘ଯୁଗକୁ ଯବକାଚ’ ପୁସ୍ତକ ସଂପର୍କରେ ଡ.ବ୍ରଜମୋହନ ମିଶ୍ର ମତ ରଖିଥିଲେ ଯେ ଏହି ପୁସ୍ତକରେ ସନ୍ନିବେଶିତ ୬୫ଟି ପ୍ରବନ୍ଧ ଜୀବନର ବିଭିନ୍ନ ବର୍ଣ୍ଣାଳୀରେ ପରିପୂର୍ଣ୍ଣ । ଜୀବନକୁ ବୁଝିବାକୁ ହେଲେ ଏହି ପୁସ୍ତକ ସର୍ବାଧିକ ସହାୟକ ହେବ । ଉତ୍ସବର ଆରମ୍ଭରେ ଅତିଥିମାନେ ପ୍ରଭୁ ଜଗନ୍ନାଥ ଓ ମା ଭଦ୍ରକାଳୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣପୂର୍ବକ ପ୍ରଦୀପ ପ୍ରଜ୍ଜଳନ କରିବା ପରେ ଦେବେନ୍ଦ୍ର ପଣ୍ଡା ଓ ମୋନିକା ଦାସ ପ୍ରାରମ୍ଭିକ ଭଜନ ପରିବେଷଣ କରିଥିଲେ । ଏବଂ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ କଳାକାର ବିଜୟ କୁମାର ବହଳୀ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ରୋଟାରୀୟାନ ଅଭିଜିତ ନାୟକ । ସମାରୋହରେ ସହଯୋଗ କରିଥିଲେ ଇଂ ଅଭୟ କୁମାର ପଣ୍ଡା,ରବି ନାରାୟଣ ପଣ୍ଡା, ବ୍ରଜ କିଶୋର ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ଗୋପବନ୍ଧୁ ସ୍ମାରକ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଆୟୋଜିତ

ଜୟପୁର : (ହି.ସ.) କୋରାପୁଟ ଜିଲ୍ଲା ବୋରିଗୁମ୍ମା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ସଭା ଗୃହରେ ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ସାମନ୍ତରାୟ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ବିଚାରକ ମଣ୍ଡଳୀ ଭାବରେ ଶିକ୍ଷକ ଏନ. ରାଜେଶ କୁମାର , ଶିକ୍ଷକ ସତ୍ୟ ନାରାୟଣ ଆଚାରୀ, ତାରାଭଟା ଓଏଭି ବିଦ୍ୟାଳୟର ଆର୍ଟ ଶିକ୍ଷକ ଅରବିନ୍ଦ ଦାଶ , ବୋରିଗୁମ୍ମା ସାମ୍ବାଦିକ ସଂଘ ସଭାପତି ବିଜୟ ନାରୟଣ ସାହୁ,ଓ ନୂଆଗାଁ ଶିକ୍ଷକ ରାଜେଶ ନାୟକ ଯୋଗଦାନ କରିଥିଲେ । ଏହି ସମାଜ ସୃଜନ ଶୀଳ ଓଡିଶା କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହି ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୀବନୀ ଉପରେ ମଂଚ ।ସିନ ଅତିଥି ମାନଙ୍କ ଠାରୁ ଶିକ୍ଷା ଗ୍ରହଣ କରିଥିଲେ । ଏହି ପେରିପେକ୍ଷୀରେ ଚିତ୍ରାଙ୍କନ ପ୍ରତିଯୋଗିତାର ବିଷୟ ଥିଲା ‘ଗୋପବନ୍ଧୁଙ୍କ ସମୟର ଗ୍ରାମୀଣ ଜନଜୀବନ ‘ । ଏହି ପ୍ରତିଯୋଗିତାରେ ତାରାଭଟା ସ୍ଥିତ ଆଦର୍ଶ ବିଦ୍ୟାଳୟର ଛାତ୍ର ଓମ କାରେଶ୍ୱର, ସରସ୍ୱତୀ ଶିଶୁମନ୍ଦିର ଛାତ୍ରୀ ବୈଷ୍ଣଭି ଅମାନାତ୍ୟ, ଓ ଅର୍ଚ୍ଚିତା ମହାରଣା , ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଏବଂ କୁଇଜ ପ୍ରତିଯୋଗିତାରେ ବୋରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟ ର ଅପର୍ଣ୍ଣା ସାହୁ, ସମୃଦ୍ଧି ପାତ୍ର, ଓ ମୋହନ ଗଣ୍ଡ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିା ବେଳେ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ସାମନ୍ତରାୟ, ସାକିଲ ଦୋରା, ସୁଶାନ୍ତ ପଣ୍ଡା, କେ. ଗିରିବାବୁ ପ୍ରମୁଖ ଉପସ୍ଥିତ ରହି କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ସର୍ବପୁରାତନ ଦୈନିକ ଖବର କାଗଜ ’ସମାଜ’ର ବୋରିଗୁମ୍ମା ପ୍ରତିନିଧି ଜି.ମୋହନ ଦୋରା ପରିଚାଳନା କରିଥିଲେ ।

# ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଭୋଟର ତାଲିକା ସମ୍ପର୍କିତ ସଂଶୋଧନ ଓ ଅଭିଯୋଗ ଶୁଣାଣି

ସମ୍ବଲପୁର: (ହି.ସ.) ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ଘରକୁ ଘର ସର୍ଭେ ଏବଂ ଗଣନା ଫର୍ମର ଡିଜିଟାଇଜେସନ୍ ପ୍ରକ୍ରିୟା ସମାପ୍ତ ହେବା ପରେ ରବିବାର ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇଛି । ଏହି ତାଲିକା ଜିଲ୍ଲାର ସମସ୍ତ ୧୧୬୬ଟି ଭୋଟଗ୍ରହଣ କେନ୍ଦ୍ର ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀ କାର୍ଯ୍ୟାଳୟରେ ସର୍ବସାଧାରଣଙ୍କ ଯାଂଚ ପାଇଁ ଉପଲବ୍ଧ କରାଯାଇଛି । ଯେଉଁ ଯୋଗ୍ୟ ମତଦାତାଙ୍କ ନାମ ଖସଡ଼ା ତାଲିକାରେ ସାମିଲ ହୋଇନାହିଁ, ସେମାନେ ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ମଧ୍ୟରେ ଫର୍ମ-୬ ସହ ଆବଶ୍ୟକ ଘୋଷଣାପତ୍ର ଏବଂ ନିର୍ଦ୍ଧାରିତ ଦଲିଲ ସଂଲଗ୍ନ କରି ଆବେଦନ କରିପାରିବେ । ଦାବି ଓ ଆପତିର ଶୁଣାଣି ୫ ଜୁଲାଇରୁ ୨ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ ଏବଂ ଚୂଡ଼ାନ୍ତ ଭୋଟର ତାଲିକା ୬ ସେପ୍ଟେମ୍ବରରେ ପ୍ରକାଶ ପାଇବ । ଜିଲ୍ଲାର ଚାରିଟି ବିଧାନସଭା କ୍ଷେତ୍ରରେ ମୋଟ ୮,୪୪,୭୪୧ ଜଣ ମତଦାତାଙ୍କ ମଧ୍ୟରୁ ୭,୯୧,୯୬୬ ଜଣଙ୍କ ତଥ୍ୟ ସଫଳତାର ସହ ମ୍ୟାପିଂ ହୋଇଥିବା ବେଳେ ୫୨,୭୭୫ ଜଣଙ୍କ ତଥ୍ୟ ଏପର୍ଯ୍ୟନ୍ତ ଅମ୍ୟାପ୍ ରହିଛି । ଯୁକ୍ତିସଙ୍ଗତୀକରଣ ପରେ ଜିଲ୍ଲାରେ ୨୦୮ଟି ନୂଆ ଭୋଟଗ୍ରହଣ କେନ୍ଦ୍ର ସୃଷ୍ଟି ହୋଇ ମୋଟ ବୁଥ୍ ସଂଖ୍ୟା ୧୧୬୬ରେ ପହଂଚିଛି । ଖସଡ଼ା ଭୋଟର ତାଲିକା ପ୍ରକାଶ ଅବସରରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଗୁଡ଼ିକର ପ୍ରତିନିଧିମାନଙ୍କ ସହ ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ବୈଠକରେ ଦାବି ଓ ଆପତି ଦାଖଲ ପ୍ରକ୍ରିୟା, ଫର୍ମ-୬, ଫର୍ମ-୭ ଓ ଫର୍ମ-୮ର ବ୍ୟବହାର, ବୁଥ୍ ଲେଭେଲ୍ ଏଜେଂଟଙ୍କ ଭୂମିକା, ଭୋଟର ତାଲିକା ଯାଂଚ ଏବଂ ମତଦାତା ସଚେତନତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ନୂତନ ନାମ ସାମିଲ କରିବା ପାଇଁ ଆବେଦନ ସହ ପରିଚୟପତ୍ର, ଜନ୍ମ ପ୍ରମାଣପତ୍ର, ପାସପୋର୍ଟ, ଶିକ୍ଷାଗତ ସାର୍ଟିଫିକେଟ୍, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ଜାତି ପ୍ରମାଣପତ୍ର, ଜମି କିମ୍ବା ଘର ଆବଂଟନ ପ୍ରମାଣପତ୍ର ସମେତ ନିର୍ବାଚନ କମିଶନ ନିର୍ଦ୍ଧାରିତ ଯେକୌଣସି ବୈଧ ଦଲିଲ ଦାଖଲ କରିପାରିବେ ।

# ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ ଅନ୍ତର୍ଗତ ଚିଠା ଭୋଟର ତାଲିକା ପ୍ରକାଶିତ

ଜୟପୁର : (ହି.ସ.)- ସ୍ୱତନ୍ତ୍ର ସଘନ ସଂଶୋଧନ ଏସ ଆଇ ଆର ୨୦୨୬ ଅନ୍ତର୍ଗତ ଚିଠା ଭୋଟର ତାଲିକା ଆଜି କୋରାପୁଟ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମନୋଜ ସତ୍ୟବାନ ମହାଜନଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ପ୍ରକାଶ କରାଯାଇଛି । ଏହି ଅବସରରେ କୋରାପୁଟ ବିଧାନସଭା କ୍ଷେତ୍ରର ବିଧାୟକ, ବିଭିନ୍ନ ରାଜନୈତିକ ଦଳର ଅଧିକୃତ ପ୍ରତିନିଧି ଭାବେ ପୂର୍ବତନ ସାଂସଦ ଓ ପୂର୍ବତନ ବିଧାୟକମାନେ, ସ୍ୱୀକୃତିପ୍ରାପ୍ତ ଜାତୀୟ ଓ ରାଜ୍ୟସ୍ତରୀୟ ରାଜନୈତିକ ଦଳର ଜିଲ୍ଲା ସଭାପତି ଓ ସମ୍ପାଦକ କିମ୍ବା ସେମାନଙ୍କ ପ୍ରତିନିଧି, ଜିଲ୍ଲାର ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଉପଜିଲ୍ଲାପାଳ (ନିର୍ବାଚନ) ପ୍ରମୁଖ ଉପସ୍ଥିତ ଥିଲେ । ୧ ଜୁଲାଇ ୨୦୨୬କୁ ଯୋଗ୍ୟତା ତାରିଖ ଭାବେ ଗ୍ରହଣ କରି ପ୍ରକାଶିତ ଏହି ଚିଠା ଭୋଟର ତାଲିକା, ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସ୍ୱଚ୍ଛ, ସଠିକ୍ ଓ ଅନ୍ତର୍ଭୁକ୍ତିମୂଳକ ଭୋଟର ତାଲିକା ପ୍ରସ୍ତୁତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଘରକୁ ଘର ଯାଇ ଯାଂଚ୍ କରାଯାଇଥିବା ବେଳେ ବିଭିନ୍ନ ରାଜନୈତିକ ଦଳର ବୁଥ୍ ସ୍ତରୀୟ ଏଜେ[ ମାନେ ସକ୍ରିୟ ସହଯୋଗ କରିଥିଲେ । ପ୍ରକାଶିତ ଚିଠା ଭୋଟର ତାଲିକା ବର୍ତମାନ ସାଧାରଣ ଲୋକଙ୍କ ଅବଲୋକନ ପାଇଁ ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ସମସ୍ତ ମତଦାନ କେନ୍ଦ୍ରରେ ଉପଲବ୍ଧ ଥିବା ସହ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ୱେବସାଇଟ୍ ରେ ମଧ୍ୟ ଉପଲବ୍ଧ ରହିଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୂଚନା ଦେଇଥିଲେ ଯେ, ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଜିଲ୍ଲାର ମୋଟ ୯,୬୬,୪୨୪ ଜଣ ଭୋଟରଙ୍କ ମଧ୍ୟରୁ ଯାଂଚ୍ ପରେ ୬୨,୨୯୦ ଜଣଙ୍କ ନାମ ବାଦ୍ ଦିଆଯାଇଛି । ଅନୁପସ୍ଥିତ, ସ୍ଥାନାନ୍ତରିତ, ଦ୍ୱୈତ ନାମ ଓ ମୃତ ଆଦି କାରଣରୁ ଏହି ବିଲୋପ କରାଯାଇଛି । ଫଳସ୍ୱରୂପ କୋରାପୁଟ ଜିଲ୍ଲାର ପାଂଚଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରକାଶିତ ଚିଠା ଭୋଟର ତାଲିକାରେ ବର୍ତମାନ ମୋଟ୍ ୯,୦୪,୧୩୪ ଜଣ ଭୋଟର ଅନ୍ତର୍ଭୁକ୍ତ ଅଛନ୍ତି । ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ୫ ଜୁଲାଇ ୨୦୨୬ରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତି ଆବେଦନ ଗ୍ରହଣ କରାଯିବ । ଏହି ସମୟ ମଧ୍ୟରେ ଯୋଗ୍ୟ ନାଗରିକମାନେ ନିଜ ନାମ ସାମିଲ କରିବା, ସଂଶୋଧନ କରିବା କିମ୍ବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ବିଲୋପ ପାଇଁ ଆପତି ଦାଖଲ କରିପାରିବେ । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସମସ୍ତ ଭୋଟରଙ୍କୁ ଚିଠା ଭୋଟର ତାଲିକାରେ ନିଜର ନାମ ଓ ବିବରଣୀ ଯାଂଚ୍ କରିବା ସହ ଦାବି ଓ ଆପତି ପ୍ରକ୍ରିୟାରେ ସକ୍ରିୟ ଭାଗ ନେବାକୁ ଅନୁରୋଧ କରିଥିଲେ । ଦାବି ଓ ଆପତି ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ବିଡିଓ/ତହସିଲଦାର/ ସହରାଚଂଳ ସ୍ଥାନୀୟ ନିକାୟର କାର୍ଯ୍ୟନିର୍ବାହୀ ଅଧିକାରୀ) କିମ୍ବା ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ଦାଖଲ କରାଯାଇପାରିବ । ୩୦ ମେ ୨୦୨୬ରୁ ୨୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଚାଲିଥିବା ଗୃହ ପରିଦର୍ଶନ ସମୟରେ କୌଣସି ଯୋଗ୍ୟ ଭୋଟରଙ୍କ ନାମ ଯଦି କୌଣସି କାରଣରୁ ସାମିଲ ହୋଇପାରିନଥାଏ, ସେମାନେ ଏହି ଦାବି ଓ ଆପତି ଅବଧିରେ ନିଜ ନାମ ଅନ୍ତର୍ଭୁକ୍ତ କରାଇପାରିବେ । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପୁନର୍ବାର ସ୍ପଷ୍ଟ କରିଥିଲେ ଯେ “କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ଯେପରି ଭୋଟର ତାଲିକାରେ ସାମିଲ ନହୁଏ”, ସେଥିପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ଏଥିସହ ଯଦି କୌଣସି ଆବେଦନକାରୀଙ୍କ ନିଷ୍ପତିରେ ସନ୍ତୁଷ୍ଟ ନୁହନ୍ତି, ତେବେ ପ୍ରଥମ ଅପିଲ୍ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଏବଂ ଦ୍ୱିତୀୟ ଅପିଲ୍ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିକଟରେ କରିପାରିବେ । ସହାୟତା ପାଇଁ ସମ୍ପୃକ୍ତ ବୁଥ୍ ସ୍ତରୀୟ ଅଧିକାରୀ, ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ନିର୍ବାଚନ ପଞ୍ଜୀକରଣ ଅଧିକାରୀ କିମ୍ବା ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, କୋରାପୁଟ ସହ ଯୋଗାଯୋଗ କରାଯାଇପାରିବ । ଅଭିଯୋଗର ଶୀଘ୍ର ସମାଧାନ ପାଇଁ ସ୍ୱତନ୍ତ୍ର ସହାୟତା କେନ୍ଦ୍ର ମଧ୍ୟ ସ୍ଥାପନ କରାଯାଇଛି । ଶେଷରେ ଉପଜିଲ୍ଲାପାଳ (ନିର୍ବାଚନ), କୋରାପୁଟ ଧନ୍ୟବାଦ ଅର୍ପଣ କରିବା ସହ ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ ପ୍ରକ୍ରିୟାକୁ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ସମସ୍ତ ଅଂଶୀଦାରଙ୍କ ସହଯୋଗ କାମନା କରିଥିଲେ ।

# ଏକଦିବସୀୟ ଶ୍ରୀମଦଭାଗବତ ମହାପୁରାଣ ପାରାୟଣ ଉତ୍ସବ

ବଲାଙ୍ଗିର : ( ହି.ସ.) ରବିବାରି ଜିଲ୍ଲା ବ୍ରାହ୍ମଣ ମହାସଭା ବଲାଙ୍ଗିରର ବୟୋଜ୍ୟେଷ୍ଠ ଉପଦେଷ୍ଟା ବ୍ରହ୍ମଶ୍ରୀ ଗିରିଧାରୀ ଶତପଥୀଙ୍କ ଦ୍ୱାରା ଆୟୋଜିତ ଏକଦିବାସୀୟ ଶ୍ରୀମଭାଗବତ ମହାପୁରାଣ ପାରାୟଣ ଉତ୍ସବ ନୃସିଂହ ମନ୍ଦିର ପରିସରରେ ଜିଲ୍ଲା ବ୍ରାହ୍ମଣ ମହାସଭାର ବ୍ରାହ୍ମଣ ଦେବତା ମାନେ ଯୋଗ ଦେଇ ଥିଲେ । ପୂଜା ହୋମ ସହିତ ବ୍ରାହ୍ମଣ ପଣ୍ଡିତ ମାନେ ପୁରାଣ ପାଠ କରି ଥିଲେ । ଗହଣରେ ବରଷ୍ଠ ଉପଦେଷ୍ଟାବୃନ୍ଦ ଣ୍ଡିତ ସତ୍ୟବନ୍ତ ବେଦବାକ, ବିପ୍ର ଶ୍ରୀ ଗୋପବନ୍ଧୁ ପୁରୋହିତ, ସଭାପତି ପ. ଧନଞ୍ଜୟ ମିଶ୍ର, ସଂପାଦକ ପ. ଶ୍ୟାମ ସୁନ୍ଦର ଦାଶ, ଉ ସଭାପତି ବିଶ୍ୱନାଥ ମିଶ୍ର, କୋଷାଧକ୍ଷ୍ୟ ଂଚାନନ ବେଦବାକ, କାର୍ଯ୍ୟକାରିଣୀ ସଦସ୍ୟ ପ.ଲକ୍ଷ୍ମୀ ପ୍ରସାଦ ଚାନ୍ଦ, ପ୍ରଭୁଦତ ଶତଥୀ,କେଶବ ମିଶ୍ର, ଜଗନ୍ନାଥ ଷଡଙ୍ଗୀ, ପୁରୁଷୋତମ ପଣ୍ଡା, ଗୋପବନ୍ଧୁ ଶତଥୀ, କାଳୀପ୍ରସାଦ ମିଶ୍ର, ଅଶୋକ ମିଶ୍ର, ହେମ ଶଂକର ମିଶ୍ର, ବଳଭଦ୍ର ତ୍ରିପାଠୀ ଏବଂ ଅନ୍ୟ ମାନେ ଉପସ୍ଥିତ ଥିଲେ

# ଏବିଭିପି ପକ୍ଷରୁ ଜିଲ୍ଲା ସ୍ତରୀୟ ସଦସ୍ୟତା କର୍ମଶାଳା

## ଚଳିତ ଶିକ୍ଷା ବର୍ଷ ପାଇଁ ସଦସ୍ୟତା ପୋଷ୍ଟର ଉନ୍ମୋଚନ

ଭଦ୍ରକ (ହି.ସ.) - ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଭଦ୍ରକ ଜିଲ୍ଲା ପକ୍ଷରୁ ଏକ ଦିବସୀୟ ସଦସ୍ୟତା କର୍ମଶାଳା ଗାନ୍ଧୀ ପଡ଼ିଆ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଜିଲ୍ଲାର ୭ଟି ବ୍ଲକ୍ ରୁ ୬୦ରୁ ଉର୍ଦ୍ଧ୍ୱ ଛାତ୍ରନେତା ଓ ଅଧ୍ୟାପକ ଯୋଗ ଦେଇଥିଲେ । ଏଥିରେ ବିଦ୍ୟାର୍ଥୀମାନଙ୍କୁ ନେଇ ସଦସ୍ୟତା ଅଭିଯାନ, ଛାତ୍ର ସଂସଦ ନିର୍ବାଚନରେ ସଦସ୍ୟତାର ପ୍ରଭାବ ଏବଂ ସଂଗଠନର ବିସ୍ତାର ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହା ସହିତ ସଦସ୍ୟତା ମାଧ୍ୟମରେ କିପରି ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଏବିଭିପି ସହ ଯୋଡ଼ା ଯାଇପାରିବ, ସେ ବିଷୟରେ କାର୍ଯ୍ୟକର୍ତାମାନଙ୍କୁ ପ୍ରଶିକ୍ଷଣ ଦିଆ ଯାଇଥିଲା । ଏହି ଅବସରରେ ସଂଗଠନ ପକ୍ଷରୁ ଯଏନ ଏବିଭିପି ପୋଷ୍ଟରର ଉନ୍ମୋଚନ କରାଯାଇଥିବା ସହିତ ଜିଲ୍ଲାର ୭ଟି ବ୍ଲକ୍ ଏବଂ ପ୍ରମୁଖ କଲେଜ କ୍ୟାମ୍ପସ ଗୁଡ଼ିକ ପାଇଁ ସଦସ୍ୟତା ପ୍ରମୁଖମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ତା ସହ ଜିଲ୍ଲା ସଦସ୍ୟତା ସଂଯୋଜକ ଭାବେ ଦେବୀ ପ୍ରସାଦ ଦାସଙ୍କ ନାମ ଘୋଷଣା କରାଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାବଲମ୍ବୀ ଭାରତ ଅଭିଯାନର ଅଖିଳ ଭାରତୀୟ ପ୍ରମୁଖ ଦିନେଶ କୁମାର ଯାଦବ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ବିଦ୍ୟାର୍ଥୀମାନଙ୍କୁ ସଂଗଠନର କାର୍ଯ୍ୟ ପଦ୍ଧତି ଓ ପରିଷଦର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଆଦର୍ଶ ବିଷୟରେ ଅବଗତ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏବିଭିପି ଓଡ଼ିଶା ପୂର୍ବର ରାଜ୍ୟ ସହ ସମ୍ପାଦକ ଅଭିଳାଷ ତ୍ରିପାଠୀ, ବାଲେଶ୍ୱର ବିଭାଗ ସଂଯୋଜକ ଜ୍ୟୋତି ପ୍ରକାଶ ସାହୁ, ଜିଲ୍ଲା ପ୍ରମୁଖ ଡ. ବସନ୍ତ କୁମାର ଦୀକ୍ଷିତ, ଜିଲ୍ଲା ବ୍ୟବସ୍ଥା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ ଏବଂ ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି ପ୍ରମୁଖ ମଂଚରେ ଉପସ୍ଥିତ ରହିଥିଲେ ।

# ପିଏମ୍ ମିତ୍ର ପାର୍କ: ଭାରତର ବୟନଶିଳ୍ପର ଭବିଷ୍ୟତକୁ ଦେଉଛି ନୂଆ ଦିଗ

ଶହ ଶହ ବର୍ଷଧରି, ଭାରତର ପରିଚୟ ଏହାର ବୟନ ଶିଳ୍ପ ସହିତ ଗଭୀର ଭାବରେ ଜଡିତ ହୋଇ ରହି ଆସିଛି । ତାହା କାଶ୍ମୀରର ପଶ୍ମିନାର ଦୀର୍ଘସ୍ଥାୟୀ ଉଷ୍ମତା ହେଉ, ଆସାମର ମୁଗା ରେଶମର ସୁବର୍ଣ୍ଣ ଚମକ, ତାମିଲନାଡୁର ରାଜକୀୟ କାଞ୍ଚିଭରମ୍ ଶାଢ଼ୀ, ଚାନ୍ଦେରୀର ବୟନ କାରିଗରି, କିମ୍ବା ସୁରଟର କାରିଗରମାନଙ୍କ ପ୍ରସିଦ୍ଧ ବୟନ ଶିଳ୍ପକଳା ହୋଇଥାଉ । ଆଜି ଏହି କ୍ଷେତ୍ର ଆମର ଅର୍ଥନୀତିର ଏକ ସୁଦୃଢ଼ ସ୍ତମ୍ଭ ଭାବରେ ଉଭା ହୋଇଛି, ଯାହା ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)ରେ ୨.୩%, ଶିଳ୍ପ ଉତ୍ପାଦନରେ ୧୩% ଏବଂ ରପ୍ତାନିରେ ୧୨% ଯୋଗଦାନ ଦେଇଆସୁଛି । କୃଷି କ୍ଷେତ୍ର ପରେ ଏହା ଭାରତର ସର୍ବବୃହତ ନିଯୁକ୍ତିଦାତା ହୋଇଛି, ଏହା ପ୍ରତ୍ୟକ୍ଷ ଭାବରେ ୪୫ ନିୟୁତ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିଛି ଏବଂ ପରୋକ୍ଷ ଭାବରେ ୧୦୦ ନିୟୁତରୁ ଅଧିକ ଲୋକଙ୍କୁ କର୍ମସଂସ୍ଥାନର ସୁଯୋଗ ପ୍ରଦାନ କରିଛି । ଏହା ଗ୍ରାମୀଣ ସମୁଦାୟକୁ ମଜବୁତ କରେ ଏବଂ ଦେଶ ସାରା ଲକ୍ଷ ଲକ୍ଷ ମହିଳାଙ୍କ ପାଇଁ ଆର୍ଥିକ ସ୍ୱାଧୀନତା ପାଇଁ ପଥକୁ ପ୍ରଶସ୍ତ କରିଆସୁଛି । ବିଶ୍ୱସ୍ତରୀୟ ପ୍ରତିଯୋଗୀମାନଙ୍କର ପରସ୍ପର ସଂଯୁକ୍ତ ବ୍ୟବସ୍ଥା ପରିବର୍ତ୍ତେ, ଭାରତର ବୟନ ସାମଗ୍ରୀର ମୂଲ୍ୟ ଶୃଙ୍ଖଳା ଐତିହାସିକ ଭାବରେ ଏକ ବିସ୍ତାରିତ ମଡେଲ ଭାବରେ ବିକଶିତ ହୋଇଛି । ସୂତା, ବୟନ, ପ୍ରକ୍ରିୟାକରଣ, ସିଲାଇ ଏବଂ ରପ୍ତାନି ଭଳି କାର୍ଯ୍ୟକଳାପ ବିଭିନ୍ନ ରାଜ୍ୟରେ ସ୍ୱାଧୀନ ଭାବରେ ବିକଶିତ ହୋଇଥିଲା । ଅର୍ଥାତ୍ ଗୋଟିଏ ପ୍ରକାର ପୋଷାକ ପ୍ରାୟତଃ ଏହାର ଉତ୍ପାଦନ ସମୟରେ ଅନେକ ରାଜ୍ୟ ସୀମା ଅତିକ୍ରମ କରିଥିଲା । ଏହି ବିଭାଜିକରଣ ଅନେକ ସାଂରଚନିକ ପ୍ରତିବନ୍ଧକ ସୃଷ୍ଟି କରିଥିଲା, ଯାହା ମାତ୍ରା, ଆଧୁନିକୀକରଣ, ସ୍ୱୟଂକରଣ ଏବଂ ପରିଶେଷରେ, ଶ୍ରମିକମାନଙ୍କ ଉତ୍ପାଦକତାକୁ ମଧ ସୀମିତ କରି ରଖିଥିଲା । ଏହା ବ୍ୟତୀତ, ବିବିଧ ମଡେଲଯୁକ୍ତ ସଂଯୋଗୀ କରଣରେ ଅଭାବ ଲଜିଷ୍ଟିକ୍ସ ବୋଝ ବୃଦ୍ଧି କରୁଥିଲା । ପ୍ରତ୍ୟେକ ଥର ଉତ୍ପାଦନର ବିଭିନ୍ନ ପର୍ଯ୍ୟାୟ ମଧ୍ୟରେ ସାମଗ୍ରୀଗୁଡ଼ିକର ସ୍ଥାନାନ୍ତରିତ କିମ୍ବା ପରିଚାଳନା କରାଯିବା ସମୟରେ, ଅତିରିକ୍ତ ଖର୍ଚ୍ଚ ଏବଂ ମାଲ ପରିବହନ ଶୁଳ୍କ ଲାଗୁ ହେଉଥିଲା । ବହୁ ପର୍ଯ୍ୟାୟରେ ଦୀର୍ଘ ଦୂରତାରେ ସାମଗ୍ରୀ ସ୍ଥାନାନ୍ତର କରିବା ସାମଗ୍ରିକ ଲଜିଷ୍ଟିକ୍ସ ଖର୍ଚ୍ଚ ବୃଦ୍ଧି କରେ ଏବଂ ବଜାରକୁ ସାମଗ୍ରୀ ଶୀଘ୍ର ପହଂଚାଇବାର କ୍ଷମତାକୁ ମଧ ସଂକୁଚିତ କରେ, ଯାହା ଆଜିର ରିଟେଲ ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ କ୍ଷତିକାରକ ଅସୁବିଧା, ଯାହା ପୁନରାବୃତି କ୍ରମ ଚକ୍ର ଦ୍ୱାରା ବର୍ଦ୍ଧିତ । ଆଜି ପରିବେଶଗତ ଚିନ୍ତାଧାରାକୁ ମଧ ସମାଧାନ କରିବାକୁ ପଡିବ । ବୟନ ଶିଳ୍ପ ବିଶ୍ୱ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନର ୮% ରୁ ୧୦% ଏବଂ ଶିଳ୍ପ ଜଳ ପ୍ରଦୂଷଣର ୨୦% ଅବଦାନ ରଖେ । ନିୟମାବଳୀ ଲାଗୁ କରିବା ଏବଂ ହଜାର ହଜାର ଛୋଟ, ବିସ୍ତାରିତ ୟୁନିଟଗୁଡ଼ିକୁ ସଠିକ୍ ଭାବରେ ପରିଚାଳନା କରିବା ପୂର୍ବରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ଚ୍ୟାଲେଞ୍ଜ ହୋଇ ରହିଥିଲା । ଏହିସବୁ ପ୍ରତିବନ୍ଧକଗୁଡ଼ିକୁ କ୍ରମାଗତ ଭାବରେ ସମାଧାନ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାର ୨୦୨୧ ମସିହା ଅକ୍ଟୋବର ମାସରେ ୪,୪୪୫ କୋଟି ଟଙ୍କାର ଏକ ବଜେଟ୍ ସହିତ ପ୍ରଧାନମନ୍ତ୍ରୀ ମେଗା ସମନ୍ୱିତ ବୟନଶିଳ୍ପ କ୍ଷେତ୍ର ଏବଂ ପୋଷାକ (ପିଏମ- ମିତ୍ର) ଯୋଜନା ଆରମ୍ଭ କରିଥିଲେ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା, ଯାହା ଏକ ବ୍ୟାପକ ମଡେଲ୍ ପ୍ରଦାନ କରୁଥିଲା ଯେଉଁଥିରେ କେନ୍ଦ୍ର ସରକାର, ରାଜ୍ୟ ସରକାର, ଶିଳ୍ପସଂସ୍ଥା ଏବଂ ଘରୋଇ ଅଂଶୀଦାର ମାନଙ୍କ ସହଯୋଗରେ, ବିକାଶକୁ ପ୍ରୋତ୍ସାହିତ କରାଯିବାର ବ୍ୟାପକ ସୁଯୋଗ ରହିଛି । ଏହି ଯୋଜନାର ମୂଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ '୫ଏଫ' ସୂତ୍ର ଅଛି: ଫାର୍ମରୁ ଫାଇବର, କାରଖାନାରୁ ଫ୍ୟାଶନ ଏବଂ ବିଦେଶୀ ପ୍ରବେଶ । ଏହି ଆଭିମୁଖ୍ୟ ସିଧାସଳଖ ଭାବରେ ପ୍ରତିଫଳିତ କରେ ଯେ ଭାରତକୁ ବିଶ୍ୱ ସ୍ତରରେ କେଉଁ କାର୍ଯ୍ୟ ଅଲଗା କରିଥାଏ: ତାହା ହେଉଛି ଆମର ସମ୍ପୂର୍ଣ୍ଣ ଏବଂ ଅତ୍ୟନ୍ତ ବିବିଧ ଗୁଣଯୁକ୍ତ ମୂଲ୍ୟ ଶୃଙ୍ଖଳ । କେବଳ କଂଚାମାଲ ଆମଦାନୀ କିମ୍ବା ପ୍ରସ୍ତୁତ ପୋଷାକ ଉପରେ ନିର୍ଭର କରୁଥିବା ଅନ୍ୟ ଦେଶଗୁଡ଼ିକ ପରି, ଭାରତ ସମଗ୍ର ବୟନଶିଳ୍ପ ଉତ୍ପାଦନ ପ୍ରକ୍ରିୟାରେ, ଚାଷୀଙ୍କ କ୍ଷେତରୁ ଆରମ୍ଭ କରି ଏହା ଉଚ୍ଚ-ଫ୍ୟାଶନ ରନୱେ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏହି ଅନନ୍ୟ ବୁଝାମଣା ପାଇଁ ବିଶ୍ୱ ପ୍ରତିଯୋଗିତା ଏବଂ ସମ୍ପୂର୍ଣ୍ଣ ସାମାଜିକ ସମାନତା ମଧ୍ୟରେ ଏକ ଅନନ୍ୟ ସନ୍ତୁଳନ ରକ୍ଷା କରିବା ପାଇଁ ଆମର ବିକାଶ ରଣନୀତି ଆବଶ୍ୟକ । ଏହାର ବିସ୍ତାରଣ କରିବା ସମୟରେ, ଆମକୁ ପ୍ରତ୍ୟେକ କ୍ଷେତ୍ରର କଲ୍ୟାଣକୁ ବିଚାର କରିବାକୁ ପଡିବ ଏବଂ ଏହା ନିର୍ଣ୍ଣିତ କରିବାକୁ ପଡିବ ଯେ କେହି ଯେପରି ପଛରେ ନ ରହିଯାଆନ୍ତି, ନମ୍ର ଚାଷୀ ଏବଂ ଗ୍ରାମୀଣ ବୁଣାକାରଙ୍କଠାରୁ ଆରମ୍ଭ କରି ବୟନଶିଳ୍ପ ରପ୍ତାନିକାରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଏଥିରେ ସାମିଲ କରିବାକୁ ହେବ । ପିଏମ- ମିତ୍ର ଫ୍ରେମୱାର୍କ ଏହି ସନ୍ତୁଳନ ହାସଲ କରେ । ପ୍ରମୁଖ କଂଚାମାଲ ହବ୍ ନିକଟରେ ଏହିସବୁ ପାର୍କଗୁଡ଼ିକୁ ରଣନୈତିକ ଭାବରେ ସ୍ଥାନିତ କରିବା ପରିବହନ ଖର୍ଚ୍ଚ ହ୍ରାସ କରେ ଏବଂ ଉତ୍ପାଦନ ପାଇଁ ନିରବଚ୍ଛିନ୍ନ ଯୋଗାଣକୁ ମଧ ସୁନିର୍ଣ୍ଣିତ କରେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ନିକଟରେ ଏହାର ଉପଲବ୍ଧତା - ପ୍ରଥମ ମୁଣ୍ଡରୁ ଶେଷ ପର୍ଯ୍ୟନ୍ତ ଟ୍ରାକିଂକୁ ମଧ ଏହା ସକ୍ଷମ କରେ । ବୈଶ୍ୱିକ ବ୍ରାଣ୍ଡଗୁଡ଼ିକ କ୍ରମାଗତ ଭାବରେ ଜୈବିକ କିମ୍ବା ସ୍ଥାୟୀ ପ୍ରମାଣପତ୍ର ଦାବି କରୁଥିବାରୁ, ଏହି ସମନ୍ୱିତ ପାର୍କଗୁଡ଼ିକ ଏକ ଯାଂଚଯୋଗ୍ୟ ସୁଦୃଢ଼ ଚେନ୍ ପ୍ରଦାନ କରେ । ଏହା କଠୋର ବିଶ୍ୱ ଇ.ଏସ.ଜି. ନିୟମାବଳୀ ସହିତ ଅନୁପାଳନ ସୁନିର୍ଣ୍ଣିତ କରେ ଏବଂ ବିଦେଶରେ ପ୍ରିମିୟମ୍ ମୂଲ୍ୟ ପାଇଁ ଦ୍ୱାର ଖୋଲିଥାଏ । ୧,୦୦୦ ଏକରରୁ ଅଧିକ କ୍ଷେତ୍ର ମଧ୍ୟରେ ସ୍ପିନିଂ, ବୟନ, ପ୍ରକ୍ରିୟାକରଣ ଏବଂ ବୟନଶିଳ୍ପ ଉତ୍ପାଦନ ସୁବିଧାଗୁଡ଼ିକୁ ଏକୀକୃତ କରି, ବିଭିନ୍ନ ରାଜ୍ୟ ମଧ୍ୟରେ ସାମଗ୍ରୀ ପରିବହନର ଆବଶ୍ୟକତାକୁ ଦୂର କରାଯାଇଛି । ଏହା ମାଲ ପରିବହନ ଖର୍ଚ୍ଚ ଏବଂ ପରିବହନ ପ୍ରଦୂଷଣକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରେ, ଯାହା ସାମଗ୍ରୀଗୁଡ଼ିକୁ ତତ୍କାଳ ବଜାରରେ ପହଂଚିବାକୁ ଅନୁମତି ଦିଏ । ଜାତୀୟ ଲଜିଷ୍ଟିକ୍ସ କରିଡର, ଯେପରିକି ସମର୍ପିତ ମାଲ ପରିବହନ କରିଡର ଏବଂ ଏକ୍ସପ୍ରେସ ୱେ ସହିତ ସଂଯୁକ୍ତ, ବିଦେଶୀ ବଜାରକୁ ସାମଗ୍ରୀ ପରିବହନ ବହୁତ ଶସ୍ତା ଏବଂ ଅଧିକ ଆର୍ଥିକ ହୋଇଥାଏ । ପ୍ରତ୍ୟେକ ପାର୍କରେ 'ପ୍ଲଗ୍-ଏଣ୍ଡ-ପ୍ଲେ' ଶିଳ୍ପ ଭିତିଭୂମି ରହିଛି, ଯେଉଁଥିରେ ଉତ୍ସର୍ଗୀକୃତ ପାୱାର ସବଷ୍ଟେସନ୍, ନିରବଚ୍ଛିନ୍ନ ଜଳ ଯୋଗାଣ ଏବଂ ବ୍ୟବହାର ପାଇଁ ପ୍ରସ୍ତୁତ କାରଖାନା ସେଡ୍ ଅନ୍ତର୍ଭୁକ୍ତ । ଏଥିରେ ଶୂନ୍ୟ ତରଳ ନିର୍ଗତ (ଜେଡ.ଏଲ.ଡି.) ପ୍ରଯୁକ୍ତିବିଦ୍ୟା ଏବଂ ଆଧୁନିକ ସୁବିଧା ସହିତ ଉନ୍ନତ ସାଧାରଣ ଏଫ୍ଲୁଏଂଟ ଟ୍ରିଟମେଂଟ୍ ପ୍ଲାଂଟ ମଧ ରହିଛି, ଯାହା ବ୍ୟବସାୟ ଉପରେ ଭିତିଭୂମି ବୋଝକୁ ହ୍ରାସ କରେ ଏବଂ ବ୍ୟବସାୟ କରିବାର ସହଜତାକୁ ଉନ୍ନତ କରେ । ପ୍ରଧାନମନ୍ତ୍ରୀ ମିତ୍ର ପାର୍କଗୁଡ଼ିକ କାଗଜପତ୍ରରୁ ଯୋଜନାକୁ ବାସ୍ତବରେ ପରିଣତ କରିବାରେ ଦ୍ରୁତ ଗତିରେ କାର୍ଯ୍ୟରତ ଅଛନ୍ତି । ଏହି ଯୋଜନାରେ ସାତଟି ରଣନୈତିକ ପାର୍କ ଅନ୍ତର୍ଭୁକ୍ତ: ବିରୁଧୁନଗର (ତାମିଲନାଡୁ), ନବସାରୀ (ଗୁଜରାଟ), କଲାବୁର୍ଗି (କର୍ଣ୍ଣାଟକ), ଧାର୍ (ମଧ୍ୟପ୍ରଦେଶ) ଏବଂ ଲକ୍ଷ୍ନୌ (ଉତର ପ୍ରଦେଶ)ରେ ପାଂଚଟି ସବୁଜ କ୍ଷେତ୍ର ବିକାଶ ଏବଂ ୱାରଙ୍ଗଲ (ତେଲଙ୍ଗାନା) ଏବଂ ଅମରାବତୀ (ମହାରାଷ୍ଟ୍ର)ରେ ଦୁଇଟି ବ୍ରାଉନ୍ ଫିଲ୍ଡ ବିକାଶ ଘଟାଯାଇଛି । ଆଜି ପର୍ଯ୍ୟନ୍ତ, ଏହି ଯୋଜନାରେ ମୋଟ ୬୯,୮୯୯ କୋଟି ଟଙ୍କାର ନିବେଶ ଆକର୍ଷିତ କରିଛି, ଯାହା ମଧ୍ୟରୁ ୨୭,୬୫୮ କୋଟି ଟଙ୍କା ପୂର୍ବରୁ ବିନିଯୋଗ ହୋଇସାରିଛି । ୨୦୨୬ ମସିହା ମଇ ୧୦ ତାରିଖରେ, ମାନ୍ୟବର ପ୍ରଧାନମନ୍ତ୍ରୀ ତେଲଙ୍ଗାନାର ୱାରଙ୍ଗଲରେ ପ୍ରଥମ କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ମିତ୍ର ପାର୍କ ଉଦଘାଟନ କରିଥିଲେ । ପାର୍କଟି ପୂର୍ବରୁ ୩,୮୬୨ କୋଟି ଟଙ୍କାର ନିବେଶ ଆହରଣ କରିସାରିଛି ଏବଂ ଏଥିରେ ବିଶ୍ୱସ୍ତରୀୟ, ପରିବେଶ ଅନୁକୂଳ ଭିତିଭୂମି ରହିଛି । ଏହି ବୈଶିଷ୍ଟ୍ୟଗୁଡ଼ିକ ସମସ୍ତ ସାତଟି ପାର୍କ ସ୍ଥାନରେ ପ୍ରତିଷ୍ଠିତ ସ୍ଥାୟିତ୍ୱ ମାନଦଣ୍ଡକୁ ପ୍ରତିଫଳିତ କରେ । ସମଗ୍ର ଦେଶରେ ଏକକାଳୀନ କାର୍ଯ୍ୟ ଆରମ୍ଭ ହେବା ଦ୍ୱାରା ସମବାୟ ସଂଘୀୟତାର ଗତି ଏବଂ ସଫଳତା ସ୍ପଷ୍ଟ ହୋଇଛି । ସମସ୍ତ ସାତଟି ରାଜ୍ୟ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି, ୧୦୦% ଜମି ଅଧିଗ୍ରହଣ ସମାପ୍ତ ହୋଇଛି ଏବଂ ପରିବେଶଗତ ମଞ୍ଜୁରୀ ମଧ ମିଳିଛି । ପାଂଚଟି ସବୁଜ କ୍ଷେତ୍ର ପାଇଁ ଜେଭି ଚୁକ୍ତିନାମା ଏବଂ ଏସ.ପି.ଭି. ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହୋଇଛି, ଯାହା ଦ୍ରୁତ ପ୍ରଗତିକୁ ସକ୍ଷମ କରିଥାଏ । ସର୍ବବୃହତ ପାର୍କ, ଧାର (ମଧ୍ୟପ୍ରଦେଶ), ଯାହା ୨,୧୫୮ ଏକର ପରିମିତ କ୍ଷେତ୍ରରେ ସ୍ଥାପିତ ଏବଂ ଏହା ଏପର୍ଯ୍ୟନ୍ତ ୨୧,୪୩୬.୯ କୋଟି ଟଙ୍କା ନିବେଶ ଆକର୍ଷିତ କରିଛି । ଗୁଜରାଟ (୧୩,୦୮୪ କୋଟି ଟଙ୍କା), ମହାରାଷ୍ଟ୍ର (୧୨,୯୨୫ କୋଟି ଟଙ୍କା), ତାମିଲନାଡୁ (୬,୬୦୦ କୋଟି ଟଙ୍କା), ଉତର ପ୍ରଦେଶ (୫,୩୪୫.୮ କୋଟି ଟଙ୍କା) ଏବଂ କର୍ଣ୍ଣାଟକ (୧,୭୦୦ କୋଟି ଟଙ୍କା) ରେ ସମାନ ପ୍ରଗତି ଦେଖାଯାଇଛି ।



ଶ୍ରୀ ପବିତ୍ର ମାର୍ଗେରିଟା

କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଶ୍ରୀ ଗିରିରାଜ ସିଂହଙ୍କ ସକ୍ରିୟ ନେତୃତ୍ୱ ଯୋଗୁଁ ଏହି ଦ୍ରୁତ ପ୍ରଗତି ସମ୍ଭବ ହୋଇଛି । ତାଙ୍କ ସକ୍ଷମ ନେତୃତ୍ୱରେ, ବୟନଶିଳ୍ପ ମନ୍ତ୍ରଣାଳୟ ଏହାର କାର୍ଯ୍ୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି, ପ୍ରଶାସନିକ ବାଧା ଦୂର ହୋଇଛି ଏବଂ ରାଜ୍ୟ ସରକାରଙ୍କ ସହିତ ଅଭୂତପୂର୍ବ ସହଯୋଗକୁ ପ୍ରୋତ୍ସାହିତ କରିଛି । କିନ୍ତୁ ସଂଖ୍ୟା କେବଳ କାହାଣୀର ଏକ ଅଂଶକୁ ପ୍ରତିଫଳିତ କରେ: ବାସ୍ତବ ମାତ୍ରା ଏହାର ମାନବୀୟ ପ୍ରଭାବରେ ପ୍ରତିଫଳିତ ହୁଏ । ପ୍ରତ୍ୟେକ ପାର୍କ ପ୍ରାୟ ୩୦୦,୦୦୦ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଗଠନମୂଳକ ଭାବରେ ଡିଜାଇନ୍ କରାଯାଇଛି । ଏହାର ଅର୍ଥ ହେଉଛି, ସମସ୍ତ ସାତଟି ସ୍ଥାନରେ, ୨.୧ ନିୟୁତରୁ ଅଧିକ ଆନୁଷ୍ଠାନିକ ଜୀବିକା, ଆମର ଗ୍ରାମୀଣ ପରିବାର ଏବଂ ମହିଳାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ-ଅର୍ଥନୈତିକ ଭିତିଭୂମି ପ୍ରଦାନ କରୁଛି, ଯେଉଁମାନେ ପାରମ୍ପାରିକ ଭାବରେ ପୋଷାକ ଉତ୍ପାଦନ ଶିଳ୍ପର ମେରୁଦଣ୍ଡ ଗଠନ କରନ୍ତି । ଏହି ବ୍ୟାପକ ଭିତିଭୂମି ପ୍ରୟାସ ମହତ୍ୱାକାଂକ୍ଷୀ ବୟନ କ୍ଷେତ୍ର ଦୃଷ୍ଟିକୋଣ ୨୦୩୦ ମସିହା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଲଂଚପ୍ୟାଡ୍ ଭାବରେ କାର୍ଯ୍ୟ କରେ, ଯାହା ଚଳିତ ଦଶନ୍ଧି ଶେଷ ସୁଦ୍ଧା ଭାରତର ବୟନ ଶିଳ୍ପକୁ ୩୫୦ ବିଲିୟନ ଡଲାର ମୂଲ୍ୟର ବିଶ୍ୱ ପାୱାର ହାଉସରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି । ଐତିହାସିକ ବିଭାଜନକୁ ବିଶ୍ୱସ୍ତରୀୟ, ସମନ୍ୱିତ ସ୍କେଲ୍ ସହିତ ବଦଳାଇ, ପିଏମ- ମିତ୍ର ଏକ ପ୍ରମୁଖ ସଂରଚନାତ୍ମକ ପରିବର୍ତ୍ତନ ଆଣିଛି । ଦୃଢ଼ ନେତୃତ୍ୱର ମାର୍ଗଦର୍ଶନରେ, ଆମେ ଭାରତକୁ ନିର୍ବିବାଦ, ସ୍ଥାୟୀ ଏବଂ ଅତ୍ୟନ୍ତ ପ୍ରତିଯୋଗିତାମୂଳକ ବୟନ କେନ୍ଦ୍ର ଭାବରେ ପ୍ରତିଷ୍ଠା କରୁଛୁ ।

***(ଲେଖକ କେନ୍ଦ୍ର ସରକାରରେ ବୟନ ରାଷ୍ଟ୍ରମନ୍ତ୍ରୀ । ଏହି ପ୍ରବନ୍ଧରେ ପ୍ରତିଫଳିତ ମତାମତ ଲେଖକଙ୍କର ବ୍ୟକ୍ତିଗତ)***

# ବରଗାଁ ଗ୍ରାମ୍ୟ ଉନ୍ନୟନ ରାସ୍ତା ବେନ୍ଦ୍ରାବାହାଲ ରାସ୍ତା ଉପରେ ବଡ଼ ବଡ଼ ଗାତ



ଖଡ଼ିଆଲ(ନିପ୍ର): ବର୍ଷା ପୂର୍ବରୁ ହିଁ ବିପଦ ଡାକୁଛି ବରଗାଁ ଗ୍ରାମ୍ୟ ଉନ୍ନୟନ ମୁଖ୍ୟ ରାସ୍ତା । ଗାଡ଼ି ଯିବା ତ ଦୂର କଥା, ପାଦରେ ଚାଲିବା ମଧ କଷ୍ଟକର ହୋଇପଡିଛି । ନୂଆପଡ଼ା ଜିଲ୍ଲା ବରଗାଁ ପଂଚାୟତର ଚକାଡୁଙ୍ଗର ଛକରୁ ବରଗାଁକୁ ଯାଇଥିବା ମୁଖ୍ୟ ରାସ୍ତାର ଦୁରବସ୍ଥାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ସୂଚନା ଅନୁଯାୟୀ, ଚକାଡୁଙ୍ଗର ଛକରୁ ବରଗାଁକୁ ଯାଇଥିବା ଏହି ରାସ୍ତା ଉପରେ ତିଖାଳି ଡ୍ୟାମ୍ ବାମ କେନାଲର ଗୋଟିଏ ଶାଖା କେନାଲ ଯାଇଛି । ଏହି କେନାଲ ବରଗାଁ କମାୟୁରୀପଡ଼ା ଓ ସଞ୍ଜୟ ତିୱାରୀଙ୍କ ଚାଷ ଜମି ଆଡ଼କୁ ଯାଇଛି ।କିନ୍ତୁ ରାସ୍ତା ଉପରେ ଥିବା ଏହି କେନାଲ କ୍ରସିଂ ସ୍ଥାନରେ ବଡ଼ ବଡ଼ ଖାଲ ଓ ଡିପ ସୃଷ୍ଟି ହୋଇଛି । ଫଳରେ ଛୋଟ ଗାଡ଼ି, ମଟର ସାଇକେଲ ଠାରୁ ଆରମ୍ଭ କରି ବଡ଼ ବଡ଼ ଯାନବାହାନ ଯିବା ଆସିବା କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗତ କିଛି ମାସ ମଧ୍ୟରେ ଏହି ସ୍ଥାନରେ ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟିସାରିଛି । ବିଶେଷ କରି ରାତି ସମୟରେ ବାଇକ୍ ଓ ସାଇକେଲ ଆରୋହୀମାନେ ଗାତରେ ପଡ଼ି ଆହତ ହେଉଛନ୍ତି । ଆଗକୁ ବର୍ଷା ଦିନ ଆସୁଥିବାରୁ ସ୍ଥିତି ଆହୁରି ସଙ୍ଗୀନ ହେବାର ସମ୍ଭାବନା ରହିଛି । 'ପାଣି ଜମିଲେ ଗାତ ଦେଖାଯାଏ ନାହିଁ । ପ୍ରତିଦିନ ସ୍କୁଲ ପିଲା, ଚାଷୀ ଓ ବଜାର ଯାଉଥିବା ଲୋକେ ଏହି ରାସ୍ତା ଦେଇ ଯାଆନ୍ତି । କେବେ ବଡ ଦୁର୍ଘଟଣା ଘଟିବ କେହି କହିପାରିବେନି,' କହିଲେ ଜଣେ ଗ୍ରାମବାସୀ ।ଏହି ସମସ୍ୟାକୁ ଦେଖି ଅଂଚଳବାସୀ ବୁଦ୍ଧିଜୀବୀ ଓ ପ୍ରଶାସନକୁ ତୁରନ୍ତ ହସ୍ତକ୍ଷେପ କରି ରାସ୍ତାର ମରାମତି କାର୍ଯ୍ୟ କରିବାକୁ ନିବେଦନ କରିଛନ୍ତି । ନଚେତ୍ ଆଗାମୀ ଦିନରେ ଏହି ସ୍ଥାନରେ ଆହୁରି ଯାତାୟାତ ଅସୁବିଧା ସହ ବଡ଼ ଦୁର୍ଘଟଣା ଘଟିବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି ।ଏନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

# ମଧୁବାବୁ ପେନସନ ଯୋଜନାରେ ଭତା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ



ନୂଆପଡ଼ା(ନିପ୍ର): ଖଡ଼ିଆଳ ବ୍ଲକ ସଭାଗୃହ ଠାରେ ଡେଥ ଭେକେନ୍ସି ଭତା ବଂଟନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବୃଦ୍ଧ, ବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀମାନଙ୍କୁ ଆନୁଷ୍ଠାନିକ ଭାବେ ସିଧାସଳଖ ୨୧୫ ଜଣଙ୍କୁ ଭତା ବଂଟନ କରାଯାଇଛି । ଏହି ବିଶେଷ କାର୍ଯ୍ୟକ୍ରମରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ଭତା ପ୍ରଦାନ କରିଥିଲେ । ତାଙ୍କ ସହ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖଡିଆଳ ଗୋଷ୍ଠି ଉନ୍ନୟନ ଅଧିକାରୀ ଏବଂ ବିଭିନ୍ନ ପଂଚାୟତର ସରପଂଚ ତଥା ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ମୃତ ଭତା ଶୂନ୍ୟସ୍ଥାନ କୁ ପୂରଣ କରିବା ପାଇଁ ୩୫୨ ହିତାଧିକାରୀଙ୍କ ମଧ୍ୟରୁ ୨୧୫ଜଣଙ୍କୁ ସିଧା ସଳଖ ଭତା ହାତରେ ପ୍ରଦାନ କରିଛନ୍ତି । ରାଜ୍ୟ ସରକାର ୬ ଲକ୍ଷରୁ ଉର୍ଦ୍ଧ୍ୱ ଭତା୨୫-୨୬ ରେ ଘୋଷଣା କରିଥିଲେ ତାହା ବ୍ଲକ ପ୍ରଶାସନକୁ ପଚାରିବାରୁ ବିଲକୁଲ ନୂଆ ଭତା ହେଇ ନାହାନ୍ତି ବୋଲି କହିଲେ ଡେଥ ଭେକେନ୍ସିରେ ଯେଉ ଭତା ବାକି ଥିଲା ତାହା ଏବେ ନୂଆ ହିତାଧିକାରୀଙ୍କୁ ଦିଆଯାଉଛି । ନୂଆ ଭତା ସହ ବାକି ଥିବା ଭତା ଅତିଶୀଘ୍ର ଦିଅନ୍ତୁ ବୋଲି ଖଡିଆଳ ବିଧାୟକ ଶ୍ରୀ ପାଣିଗ୍ରାହୀ ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଥିଲେ ।

# ସାହିତ୍ୟ ଏକାଡେମୀର ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ




ନୟାଗଡ଼(ନିପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀ ର ସ୍ୱନକ୍ଷତ୍ର ଦିବସ ୨୦୨୬ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗୀତା ଏଠାକାର ପିଏମଶ୍ରୀ ବ୍ରଯେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିଷରରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ଶିକ୍ଷାଧିକାରୀଙ୍କ ଆୟୋଜନ ତଥା ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଶେଷ କରି ଓଡ଼ିଆ ସାଧାରଣ ଜ୍ଞାନ, ତର୍କ, ସଙ୍ଗୀତ,ପ୍ରବନ୍ଧ ଆଦି ବିଷୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ବିଚାରକ ଭାବେ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ଡ ସୁକାନ୍ତି ମହାନ୍ତି, ରବୀନ୍ଦ୍ର ଦାସ, ଗୋପୀନାଥ ସେଠି, ଅଧ୍ୟାପିକା ନିଳୀମା ନନ୍ଦ, ପ୍ରଧାନୀ ବୃନ୍ଦାବନ ମାହାପାତ୍ର, ଦେବେନ୍ଦ୍ର ପରମଗୁରୁ ପ୍ରମୁଖ ଯୋଗଦେବା ସହ ଜିଲ୍ଲା ସ୍ତରୀୟ ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥଲେ ।ଜିଲ୍ଲା ସଂସ୍କୃତି ଅଧିକାରୀ ସୁମିତ୍ରା ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସାରସ୍ୱତ କର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଉମାକାନ୍ତ ସେଠୀ, କବି ନିର୍ମଳ ଚନ୍ଦ୍ର ସୁରଦେଓ ପ୍ରମୁଖ ପରିଚାଳନା କରିଥିଲେ ।ଏଠାରେ ସୁଚନା ଯୋଗ୍ୟ ପ୍ରତ୍ୟେକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ରାଜ୍ୟ ସ୍ଥରିୟ ପ୍ରତିଯୋଗୀ ତାରେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି

# ଜିଲ୍ଲାସ୍ତରୀୟ ବନ ମହୋତ୍ସବ ପାଳିତ



ବାରିପଦା(ନିପ୍ର): ବାରିପଦା ବନଖଣ୍ଡ ଆନୁକୁଲ୍ୟରେ ୭୭ ତମ ଜିଲ୍ଲା ସ୍ତରୀୟ ବନ ମହୋତ୍ସବ ସଂକଳ୍ପ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଅଛି । ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ମୁଖ୍ୟବକ୍ତା ଭାବରେ ପୂର୍ବତନ ମୁଖ୍ୟ ବନ୍ୟ ସଂରକ୍ଷକ ତଥା ଓଡିଶା ଲୋକାୟୁକ୍ତ ସଭ୍ୟ ଦେବବ୍ରତ ସ୍ୱାଇଁ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଅରକ୍ଷୀ ଅଧିକ୍ଷକ ଦୀପକ ଗୋଛାୟତ, ପରିବେଶବିତ ହରିହର ଦାସ, ଡ଼. ବିଜୟ କୁମାର ଅଗ୍ରୱାଲ, ବିବେକାନନ୍ଦ ପଟ୍ଟନାୟକ, ରାଇରଙ୍ଗପୁର ଡ଼ିଏଫଓ ସୁବ୍ରତ କୁମାର କର ପ୍ରମୁଖ ଯୋଗଦେଇ ଜଳବାୟୁ ବିବର୍ତ୍ତନକୁ ରୋକିବା ନିମନ୍ତେ ବୃକ୍ଷ ରୋପଣ ଏକାନ୍ତ ଜରୁରୀ ବୋଲି କହିଥିଲେ । ଏହି ଅବସରରେ ବାରିପଦା, ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ ବେତନଟି ରେଞ୍ଜ ଅନ୍ତର୍ଗତ ମାଛପଦା ରିଜର୍ଭ ଫରେଷ୍ଟ ଅଂଚଳରେ ୩୩୦୦ଟି ବୃକ୍ଷ ରୋପଣ କରାଯାଇଥିଲା । ଏହି ଅବସର ରେ ସବଡିଭିଜନ ସ୍ତରରେ ୪ ଗୋଟି ବନ ସଂରକ୍ଷଣ ସମିତି ଶିଳିପୁରିଆ, ତେନ୍ତୁଳିଆ, ରେହେଡାକଟା ବନ ସୁରକ୍ଷା ସମିତି ଏବଂ ବରେହିପାଣି ଇଡିସିକୁ ବନସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ସଂରକ୍ଷଣ ପୁରସ୍କାର ସ୍ୱରୂପ ମାନପତ୍ର ଓ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା. ଉପବନ ସଂରକ୍ଷକ ମେହେରବାନ ଅଲ୍ଲୀ ସଭାକାର୍ଯ୍ୟ ସଂଚାଳନ କରିଥିବା ବେଳେ ବାରିପଦା ରେଞ୍ଜ ଅଫିସର ଜଗଦିଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।



# ଦୈନିକ ଚାଲିବ ବ୍ରହ୍ମପୁର-ଉଧ୍ନା (ସୁରଟ) ଅମୃତ ଭାରତ ଏକ୍ସପ୍ରେସ, ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ଓ ରେଳମନ୍ତ୍ରୀ

ଭୁବନେଶ୍ୱର :ଓଡ଼ିଶାର ବିକାଶ ଯାତ୍ରାରେ ଆଜି ଏକ ନୂତନ ଫର୍ଦ୍ଦ ଯୋଡ଼ି ହୋଇଯାଇଛି । ରେଶମ ସହର ବ୍ରହ୍ମପୁରରୁ ବାହାରି ପଶ୍ଚିମ ଓଡ଼ିଶା ଦେଇ ଗୁଜୁରାଟର ଉଧ୍ନା (ସୁରଟ) ପର୍ଯ୍ୟନ୍ତ ଚାଲୁଥିବା ସାପ୍ତାହିକ ଅମୃତ ଭାରତ ଏକ୍ସପ୍ରେସ ଆଜିଠାରୁ ଦୈନିକ ଟ୍ରେନ ରୂପେ ନିଜର ଯାତ୍ରା ଆରମ୍ଭ କରିଛି ।ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମଗ୍ର ରାଜ୍ୟବାସୀ, ବିଶେଷ କରି ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, କଳାହାଣ୍ଡି, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଏହାକୁ ଓଡ଼ିଶାର ବିକାଶ ଲାଗି ଏକ ଐତିହାସିକ ଦିନ ବୋଲି ପ୍ରକାଶ କରିଛନ୍ତି ।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସୁରଟ ସହ ଓଡ଼ିଶାର ଭାବଗତ, ସାଂସ୍କୃତିକ



ଓ ଅର୍ଥନୈତିକ ସମ୍ପର୍କ ଅତି ନିବିଡ଼ । ଓଡ଼ିଶାର ଲକ୍ଷ ଲକ୍ଷ ଶ୍ରମିକ ଓ ବ୍ୟବସାୟୀ ଭାଇମାନେ ସୁରଟରେ ରହି ସେଠାକାର ଟେକ୍ସଟାଇଲ ଓ ଡାଇମଣ୍ଡ ଶିଳ୍ପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି । ପୂର୍ବରୁ ସାପ୍ତାହିକ ଟ୍ରେନ ଯୋଗୁ ଯାତାୟତରେ ଅନେକ ଅସୁବିଧା ହେଉଥିଲା । ଓଡ଼ିଶା ସରକାରଙ୍କ ଅନୁରୋଧ କ୍ରମେ କେନ୍ଦ୍ର ସରକାର ଏହି ସେବାକୁ ଦୈନିକ କରିଥିବାରୁ, ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ପକ୍ଷରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କୃତଜ୍ଞତା ଜଣାଇଛନ୍ତି । ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଅତ୍ୟାଧୁନିକ ଟ୍ରେନ ଗରିବ ଓ ମଧ୍ୟବିତ ଶ୍ରେଣୀର ଭାଇଭଉଣୀଙ୍କ ପାଇଁ ନିରାପଦ, ଶସ୍ତା ଓ ଦ୍ରୁତ ଯାତ୍ରାର ସୁବିଧା ପ୍ରଦାନ କରିବ । ଏହାଦ୍ୱାରା ଗୁଜୁରାଟ ସହ ଓଡିଶାର ସମ୍ପର୍କ ଆହୁରି ନିବିଡ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଭିତିଭୂମି ଓ ଅର୍ଥନୈତିକ ପ୍ରଗତି ଉପରେ ଆଲୋକପାତ କରି କହିଛନ୍ତି ଯେ ଗତ ଦୁଇ ବର୍ଷ ମଧ୍ୟରେ ୩.୧୧ ଲକ୍ଷ କୋଟି ଟଙ୍କାର ୧୫୨ଟି ଶିଳ୍ପ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଛି, ଯାହା ଦ୍ୱାରା ୨.୫୦ ଲକ୍ଷ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଗୋପାଳପୁର ବନ୍ଦରର ସମ୍ପ୍ରସାରଣ ସହ ଆଗାମୀ ଦିନରେ ବାହୁଦା ଠାରେ ଏକ ବୃହତ୍ ବନ୍ଦର ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବ୍ରହ୍ମପୁର ସହରକୁ 'ଗ୍ରେଟର ବ୍ରହ୍ମପୁର ସିଟି' ଭାବେ ବିକଶିତ କରିବା ସହ ବ୍ରହ୍ମପୁର-ଜୟପୁରକୁ ସଂଯୋଗ କରୁଥିବା ଏକ ୬-ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । କେନ୍ଦ୍ର ରେଳ, ଇଲୋକ୍ଟ୍ରୋନିକ୍ ?ସ ଓ ଆଇଟି, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ଅତୀତରେ ସୁରଟ ଠାରେ ଗୋଟିଏ ସଭାରେ ଯୋଗଦେଇଥିବା ଅବସରରେ ସୁରଟରୁ ବ୍ରହ୍ମପୁର ଯାଏ ନିୟମିତ ରେଳ ଚଳାଚଳ ପାଇ ଯେଉଁ ଅନୁରୋଧ କରାଯାଇଥିଲା, ଆଜି ତାହା ପୂରଣ କରାଯାଇଛି । ବର୍ତ୍ତମାନ ସମୟର ଖବଷଘଝଷ ଛଝଘମଷଭକ୍ଷକ୍ଷକଶଚ ର ଟ୍ରେନ୍ ଅମୃତ ଭାରତ ଏକ୍ସପ୍ରେସ ବର୍ତ୍ତମାନ ଠାରୁ ପ୍ରତିଦିନ ବ୍ରହ୍ମପୁରରୁ ସୁରଟ ଅଭିମୁଖେ ଚଳାଚଳ କରିବ ।ସେ ଆହୁରି ଘୋଷଣା କରିଥିଲେ ଯେ ବ୍ରହ୍ମପୁର ରେଳ ଷ୍ଟେସନକୁ ବିଶ୍ୱ ସ୍ତରୀୟ ରେଳ ଷ୍ଟେସନ କରିବା ପାଇ ୩୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ଓ ଏହାର କାମ ଖୁବ୍ ଶୀଘ୍ର ଆରମ୍ଭ ହେବ । ଏହି ଶୁଭାରମ୍ଭ ଉତ୍ସବରେ ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ବିଭୂତି ଭୁଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁରର ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ, ଆସ୍କାର ସାଂସଦ ଶ୍ରୀମତୀ ଅନିତା ଶୁଭଦର୍ଶିନୀ, ପୂର୍ବତଟ ରେଳବାଇର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ୍ ଙ୍କ ସମେତ ଗଞ୍ଜାମ ଜିଲ୍ଲାର ସମସ୍ତ ବିଧାୟକଗଣ, ଗଞ୍ଜାମ ଜିଲ୍ଲା ପ୍ରଶାସନ ଏବଂ ପୂର୍ବ ତଟ ରେଳପଥର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବୁଲା କୁକୁର ନିୟନ୍ତ୍ରଣରେ ବିଏମ୍‌ସିର ସଫଳତା : ୨୫୮୬ କୁକୁରଙ୍କ ବନ୍ଧ୍ୟାକରଣ



ବ୍ରହ୍ମପୁର,(ନି.ପ୍ର.): ଦ୍ରୁତ ସହରୀକରଣ ସହ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ଏକ ସାମାଜିକ ଓ ଜନସ୍ୱାସ୍ଥ୍ୟ ଗତ ଚ୍ୟାଲେଞ୍ଜରେ ପରିଣତ ହୋଇଥିବାବେଳେ, ଏହାର ସ୍ଥାୟୀ ଓ ମାନବିକ ସମାଧାନ ଦିଗରେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍ ?ସି) ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି । ଚଳିତ ବର୍ଷ ଜାନୁଆରୀ ୧୬ରୁ ଆରମ୍ଭ ହୋଇଥିବା ବୁଲା କୁକୁର ବନ୍ଧ୍ୟାକରଣ ଓ ରେବିସ୍ ଟିକାକରଣ ଅଭିଯାନରେ ୧୬୫ ଦିନ ମଧ୍ୟରେ ୨୫୮୬ଟି କୁକୁରଙ୍କ ବନ୍ଧ୍ୟାକରଣ ସଫଳତାର ସହ ସମ୍ପନ୍ନ ହୋଇଛି । ସେଥିମଧ୍ୟରୁ ୧୪୦୮ଟି ପୁରୁଷ ଓ ୧୧୭୮ଟି ମହିଳା କୁକୁର ରହିଛନ୍ତି । ଏହା ସମୁଦାୟ ଲକ୍ଷ୍ୟର ପ୍ରାୟ ୪୯ ପ୍ରତିଶତ । ବିଏମ୍‌ସି ସୂତ୍ରରୁ ପ୍ରକାଶ ଯେ, ପ୍ରତ୍ୟେକ କୁକୁରଙ୍କ ବନ୍ଧ୍ୟାକରଣ ପରେ ସେମାନଙ୍କୁ ୩ରୁ ୪ ଦିନ ପର୍ଯ୍ୟନ୍ତ ପଶୁ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରଖାଯାଇ ଆବଶ୍ୟକ ଚିକିତ୍ସା ଓ ପରିଚର୍ଯ୍ୟା କରାଯାଉଛି । ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ସେମାନଙ୍କୁ ଯେଉଁ ଅଂଚଳରୁ ଧରାଯାଇଥିଲା ସେହି ସ୍ଥାନରେ ପୁନର୍ବାର ଛାଡ଼ି ଦିଆଯାଉଛି । ଏହି ପ୍ରକ୍ରିୟା ପ୍ରାଣୀ କଲ୍ୟାଣ ସହ ସହରର ପରିବେଶ ସନ୍ତୁଳନ ବଜାୟ ରଖିବାରେ ମଧ୍ୟ ସହାୟକ ହେଉଛି ।

ପୂର୍ବ ସର୍ଭେ ଅନୁସାରେ ବ୍ରହ୍ମପୁର ସହରରେ ପ୍ରାୟ ୫,୩୦୦ରୁ ଅଧିକ ବୁଲା କୁକୁର ଥିବା ଆକଳନ କରାଯାଇଥିଲା । ସେହି ଅନୁଯାୟୀ ଏକ ବର୍ଷ ମଧ୍ୟରେ ସମସ୍ତ ବୁଲା କୁକୁରଙ୍କ ବନ୍ଧ୍ୟାକରଣ ସମ୍ପନ୍ନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ବର୍ତ୍ତମାନର ଅଗ୍ରଗତିକୁ ଦେଖି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଲକ୍ଷ୍ୟ ପୂରଣ ହେବ ବୋଲି ପ୍ରଶାସନ ଆଶାବାଦୀ ରହିଛି । ମେୟର ସଂଘମିତ୍ରା ଦଳେଇ କହିଛନ୍ତି ଯେ, ବୁଲା କୁକୁରଙ୍କୁ କ୍ଷତି ନ ପହଂଚାଇ ବନ୍ଧ୍ୟାକରଣ ଓ ରେବିସ୍ ଟିକାକରଣ ଭଳି ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରିବା ହିଁ ଏହି ସମସ୍ୟାର ସ୍ଥାୟୀ ସମାଧାନ । ବିଏମ୍ ?ସି କମିଶନର ଏ. ଶସ୍ୟା ରେଡ୍ଡୀ କହିଛନ୍ତି ଯେ, ବନ୍ଧ୍ୟାକରଣ ଓ ରେବିସ୍ ଟିକାକରଣ କେବଳ କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣରେ ସହାୟକ ନୁହେଁ, ବରଂ ଜନସ୍ୱାସ୍ଥ୍ୟ ସୁରକ୍ଷା ଏବଂ ମଣିଷ ଓ ପଶୁ ସହାବସ୍ଥାନକୁ ସୁଦୃଢ଼ କରିବାରେ ମଧ୍ୟ ଏହା ଏକ ଫଳପ୍ରଦ ପଦକ୍ଷେପ । ଏହି ଅଭିଯାନର ସଫଳତା ପାଇଁ ସହରବାସୀଙ୍କ ସଚେତନ ସହଯୋଗ ଓ ସକାରାତ୍ମକ ଭୂମିକା ନିହାତି ଆବଶ୍ୟକ ବୋଲି ସେ କହିଛନ୍ତି । ପଶୁ ଚିକିତ୍ସା ବିଶେଷଜ୍ଞ ଡ଼. ସତ୍ୟନାରାୟଣ କରଙ୍କ ମତରେ, ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ ପାଇଁ ବନ୍ଧ୍ୟାକରଣ ଓ ରେବିସ୍ ଟିକାକରଣ ସବୁଠାରୁ ବୈଜ୍ଞାନିକ, ମାନବିକ ଓ ଦୀର୍ଘସ୍ଥାୟୀ ଉପାୟ । ଏହାଦ୍ୱାରା ଏକପଟେ କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣରେ ରହୁଥିବାବେଳେ ଅନ୍ୟପଟେ ରେବିସ୍ ସଂକ୍ରମଣର ଆଶଙ୍କା ମଧ୍ୟ ହ୍ରାସ ପାଏ । ତେଣୁ ବିଏମ୍ ?ସିର ଏହି ପଦକ୍ଷେପ ଜନସ୍ୱାସ୍ଥ୍ୟ, ପ୍ରାଣୀ କଲ୍ୟାଣ ଓ ସୁରକ୍ଷିତ ସହର ଗଠନ ଦିଗରେ ଏକ ପ୍ରଶଂସନୀୟ ପ୍ରୟାସ ବୋଲି ସେ କହିଛନ୍ତି ।

ଯାଂଚ କମିଟି ପକ୍ଷରୁ ବନ୍ଧ୍ୟାକରଣ କେନ୍ଦ୍ର ପରିଦର୍ଶନ କରାଯାଇଥିଲା । କମିଟିର ଅଧ୍ୟକ୍ଷ ତଥା ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ଼. ଅଞ୍ଜନ ଦାସଙ୍କ ସହ ଡ଼. ଭବାନୀ ଶଙ୍କର ଶତପଥୀ, ଡ଼. ସତ୍ୟନାରାୟଣ କର, ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ଆସିଷ୍ଟାଂଟ କମିଶନର ବିଭୂ ପ୍ରସାଦ ମହାପାତ୍ର, ରାଜ୍ୟ ପଶୁ କଲ୍ୟାଣ ବୋର୍ଡର ପ୍ରତିନିଧି ଲଲାଟେନ୍ଦୁ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ବନ୍ଧ୍ୟାକରଣ ସମୟରେ ବାହାର କରାଯାଇଥିବା ଅଙ୍ଗଗୁଡ଼ିକୁ ନିର୍ଦ୍ଧାରିତ ଜୈବ-ବର୍ଜ୍ୟ ପରିଚାଳନା ନିୟମାବଳୀ ଅନୁଯାୟୀ ପୋତା ଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ଗଞ୍ଜାମ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ତରଫରୁ ଡଃ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ଜୟନ୍ତୀ ପାଳନ

ବ୍ରହ୍ମପୁର(ନି.ପ୍ର.) : ଡ଼ଃ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୀବନ ଏହି ଦେଶ ପାଇଁ ଏମିତି ଏକ ଅମୂଲ୍ୟ ଉପହାର, ଯାହା ପ୍ରତିଟି ଭାରତବାସୀଙ୍କୁ ରାଷ୍ଟ୍ରଭକ୍ତି ଓ ସେବାର ଅନନ୍ତ ପ୍ରେରଣା ଦେଇଥାଏ । ଭାରତୀୟ ଶିକ୍ଷା, ସଂସ୍କୃତି, ପରମ୍ପରା ଉତ୍ ?ଥାନ ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ସେ କେବଳ ଜଣେ ଅନନ୍ୟ ଶିକ୍ଷାବିତ୍ ନ ଥିଲେ, ବରଂ ଏକ ସମର୍ପିତ ରାଷ୍ଟ୍ରନେତା ଓ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତକ ଥିଲେ ।

ଗଞ୍ଜାମ ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ବି.ସୋମନାଥ ପାତ୍ରଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚା ଗଞ୍ଜାମ ଜିଲ୍ଲା ତରଫରୁ ଆୟୋଜିତ ଡ଼ଃ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ଜୟନ୍ତୀ ଅବସରରେ ବ୍ରହ୍ମପୁର ସ୍ଥିତ ସଂସ୍କୃତି ଭବନ ଠାରେ ୮୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ 'ଛାତ୍ର ସମ୍ମିଳନୀ' ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ଓଡ଼ିଶାର ବରିଷ୍ଠ ନେତା ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ କହିଛନ୍ତି ଡ଼ଃ. ଶ୍ୟାମା ପ୍ରସାଦ ମୁଖାର୍ଜୀ ମାତ୍ର ୩୩ ବର୍ଷ ବୟସରେ କଲିକତା ବିଶ୍ୱବିଦ୍ୟାଳୟର ସର୍ବକନିଷ୍ଠ କୁଳପତି ଭାବେ ଦାୟିତ୍ୱ ନେଇ ଶିକ୍ଷା କ୍ଷେତ୍ରରେ କ୍ରାନ୍ତିକାରୀ



ପରିବର୍ତ୍ତନ ଆଣିଥିଲେ । ଭାରତୀୟ ଭାଷା, ବିଶେଷ କରି ବଙ୍ଗଳା, ହିନ୍ଦୀ ଓ ଉର୍ଦ୍ଦୁର ବିକାଶ ପାଇଁ ତାଙ୍କର ପଦକ୍ଷେପ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ସେହିପରି ସ୍ୱାଧୀନତା ଆନ୍ଦୋଳନ ଏବଂ ସ୍ୱାଧୀନ ଭାରତର ପ୍ରଥମ ଅନ୍ତରୀଣ ମନ୍ତ୍ରିମଣ୍ଡଳରେ ଶିଳ୍ପ ଓ ଯୋଗାଣ ମନ୍ତ୍ରୀ ଭାବେ ତାଙ୍କର ଯୋଗଦାନ ଅତୁଳନୀୟ ଥିଲା । ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ଭାବେ ସେ ଦେଶର ଭବିଷ୍ୟତ ନିର୍ମାଣରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଡ଼ଃ ଶ୍ୟାମା ପ୍ରସାଦ ମୁଖାର୍ଜୀ । ଏହି 'ଛାତ୍ର ସମ୍ମିଳନୀରେ' ଗଞ୍ଜାମ ଜିଲ୍ଲା ବିଜେପିର ସଭାପତି ସରୋଜ ସାବତ, ଯୁବମୋର୍ଚ୍ଚା ଓଡ଼ିଶାର ରାଜ୍ୟ ଉପସଭାପତି ତୁତୁନ ପାତ୍ର, ରାଜ୍ୟ ସମ୍ପାଦକ ରୋଶନ ଖୁଂଟିଆ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ସୌଭାଗ୍ୟ ମହାନ୍ତି, ଗଞ୍ଜାମ ଜିଲ୍ଲା ଯୁବମୋର୍ଚ୍ଚା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୌମ୍ୟ ବେବର୍ତ୍ତା , ଅନିଲ ତ୍ରିପାଠୀ, ଯୁବମୋର୍ଚ୍ଚା ସଂଯୋଜକ ଡ଼ି.ସୁରେଶ ରେଡ୍ଡୀ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଗୌରୀ ସାମନ୍ତରାୟ, ସିଦ୍ଧାନ୍ତ ଗଙ୍ଗଦେବ ଓ କାର୍ଯ୍ୟକ୍ରମ ସଂଯୋଜକ ସୁମିତ ପାତ୍ର, ସହ ସଂଯୋଜକ ଗୋପୀନାଥ ମହାରଣା, ସୁମନ ରାଉଳ ଓ ଆଲୋକ ସାହୁ, ରାମ ବାବୁ, ବିକ୍ରମ ପାଣିଗ୍ରାହୀ, ଆକାଶ ଗୌଡ଼, ସୁନୀଲ ଦୋରା, ଶକ୍ତି ପଟ୍ଟନାୟକ,ଶୀତଲ ଜେନା, ଶ୍ରୀଧର ପାଳ ପ୍ରମୁଖଙ୍କ ସହ ବହୁ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆସିକା, ବ୍ରହ୍ମପୁର ଏବଂ କନ୍ଧମାଳ ତିନୋଟି ଲୋକସଭା କ୍ଷେତ୍ର ଦାୟୀତ୍ୱରେ ଥିବା ଦଳର ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ଉପସଭାପତି ପ୍ରଭାତ କିରଣ ଷଡ଼ଙ୍ଗୀ, ଗଙ୍ଗାଧର ଶତପଥୀ, ରତ୍ନଗର୍ଭା ସରସ୍ୱତୀ ଦେବୀ, ପ୍ରଦୀପ ନାୟକ, ସୂର୍ଯ୍ୟ ନାରାୟଣ ଦାସ, ଶିବ ଶଙ୍କର ନାୟକ, ସବିତା ସୁଆର, ବନମାଳୀ ସେଠୀ, ବଦ୍ରି ନାୟକ, ଆଲୋକ କୁମାର ସାହୁ ପ୍ରମୁଖ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ

ଝାରସୁଗୁଡ଼ା,(ନି.ପ୍ର.) ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଡି.ଏମ.ଏଫ. ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ଲଳିତ ସୋରେନ ଏବଂ ଉପ ଜିଲ୍ଲାପାଳ ଶ୍ରୀଯୁକ୍ତ ସବ୍ୟସାଚୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ବୈଠକ ପ୍ରାରମ୍ଭରେ ଜିଲ୍ଲାରେ ବିଭିନ୍ନ ସରକାରୀ ବିଭାଗ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ରାଜସ୍ୱ ଆଦାୟର ସଫଳତା ଓ ଲକ୍ଷ୍ୟ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ବିଶେଷ କରି ରାଜସ୍ୱ, ଅବକାରୀ, ପରିବହନ, ପଞ୍ଜୀକରଣ କାର୍ଯ୍ୟାଳୟ, ଖଣି ଏବଂ ଜଳସମ୍ପଦ ଭଳି ପ୍ରମୁଖ ବିଭାଗଗୁଡ଼ିକର ରାଜସ୍ୱ ସଂଗ୍ରହ ସ୍ଥିତିକୁ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ଏହି ବୈଠକରେ ଚାଷୀ ପଞ୍ଜୀକରଣ, ଦାଖଲ-ଖାରଜ ମାମଲାର ତ୍ୱରିତ ସମାଧାନ ଏବଂ ଓ.ଏଲ.ଆର. ଆକ୍ଟର ଧାରା ୮(ଇ) ଅନୁଯାୟୀ ଜମି କିସମ ପରିବର୍ତ୍ତନ ପ୍ରକ୍ରିୟା ଉପରେ ବିଶେଷ ଆଲୋଚନା ହୋଇଥିଲା । ସରକାରଙ୍କ ଓ.ଆର.ଟି.ପି.ଏସ. ଆକ୍ଟ ଅନୁସାରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ପ୍ରକାରର ପ୍ରମାଣପତ୍ର ପ୍ରଦାନ ଏବଂ ଜନସାଧାରଣଙ୍କ ସେବା ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ବେ-ବନ୍ଦୋବସ୍ତ ଜମି, ସାର୍ଟିଫିକେଟ୍ ମାମଲା, ଜମି ଜବରଦଖଲ ଉଚ୍ଛେଦ ଏବଂ ସରକାରୀ ନଥିପତ୍ରର ସ୍କାନିଂ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ଜିଲ୍ଲାରେ ଥିବା ସମସ୍ତ ସରକାରୀ ବିଦ୍ୟାଳୟର ଜମି ସମସ୍ୟାର ସମାଧାନ ଉପରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି । ସ୍କୁଲ ଜମିଗୁଡ଼ିକର ନିୟମିତକରଣ କାର୍ଯ୍ୟକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ସେ ରାଜସ୍ୱ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଜିଲ୍ଲାର ସମସ୍ତ ତହସିଲଦାର ଓ ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।

# ଜିଲ୍ଲାସ୍ତରୀୟ ସମୀକ୍ଷା ସମିତି ଓ ଜିଲ୍ଲା ପରାମର୍ଶଦାତା ସମିତି ବୈଠକ ଅନୁଷ୍ଠିତ



କଟକ : (ନି. ପ୍ର.) ଜିଲ୍ଲାସ୍ତରୀୟ ସମୀକ୍ଷା ସମିତି ଓ ପରାମର୍ଶଦାତା ସମିତି ବୈଠକ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ମାନ୍ୟବର ସାଂସଦ କଟକ ଡଃ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତା ଏବଂ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି । ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତି ଅନୁସାରେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ଋଣ ବଂଟନ ଓ ଅଧିକ ବ୍ୟାଙ୍କ ଖୋଲିବା, ଲୋକଙ୍କ ସୁବିଧା ଅନୁସାରେ ବ୍ୟାଙ୍କର ସ୍ଥାନାନ୍ତରଣ ଆଦି ଉପରେ ଆଲୋଚନା କରାଯାଇଥିଲା । ଆଜିର ବୈଠକରେ ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଅଧୀନରେ ହିତାଧିକାରୀଙ୍କୁ ଋଣ ଯୋଗାଣ ଉପରେ ମଧ୍ୟ ଆଲୋଚନା ହୋଇଥଲା । ଏଥି ସହ ଉପସ୍ଥିତ ବ୍ୟାଙ୍କ ଗୁଡିକରେ ବିଭିନ୍ନ ବିଭାଗର ଋଣ ଅନୁମୋଦନ ପାଇଁ ବାକି ଥିବା କାର୍ଯ୍ୟ ଗୁଡିକ ତୁରନ୍ତ ସମାଧାନ କରିବାକୁ ଡଃ ମହତାବ ନିର୍ଦ୍ଦେଶ ଦେବା ସହ କୃଷି , ପଶୁପାଳନ, ମତ୍ସ୍ୟ, ଉଦ୍ୟାନ କୃଷି ଆଦି କ୍ଷେତ୍ରରେ ଅଧିକରୁ ଅଧିକ ଋଣ ପ୍ରଦାନ କରି ଜିଲ୍ଲାର ଉନ୍ନତିରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ପିଏମ ସ୍ୱନିଧି , ପିଏମ୍ ବିଶ୍ୱକର୍ମା,ପିଏମ୍ ବଳରାମ ଆଦି ଯୋଜନା ଗୁଡ଼ିକର ସଫଳ ରୂପାୟନ ନିମନ୍ତେ ଆବଶ୍ୟକୀୟ ଋଣ ପ୍ରଦାନ ନିମନ୍ତେ ଆଲୋଚନା କରାଯାଇଥିଲା । ସମୀକ୍ଷା ବୈଠକରେ ମାନ୍ୟବର ବିଧାୟକ କଟକ ସଦର ଇଂ ପ୍ରକାଶ ଚନ୍ଦ୍ର ସେଠୀ, ମାନ୍ୟବର ବିଧାୟକ ବଡମ୍ବା ଶ୍ରୀ ବିଜୟ ଦଳବେହେରା ଆଶ୍ୟକତା ଅନୁଯାୟୀ ଗ୍ରାମାଂଚଳ ମାନଙ୍କରେ ନୂତନ ବ୍ୟାଙ୍କ ସେବା ଉପଲବ୍ଧ କରାଇବା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଡ଼ିଡ଼ିଏମ ନାବାର୍ଡ କଟକ, ପ୍ରଣିମା ପରିଡା, ଆର ବି ଆଇ ଏଲଡିଓ ରିତେଶ ପାତ୍ର ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ ।ଲିଡ ବ୍ୟାଙ୍କ ପ୍ରବନ୍ଧକ ଶ୍ରୀ ସତ୍ୟ ରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବ୍ୟାଙ୍କର ଅଧିକାରୀ, ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ନାହିଁ ନାହିଁରେ ଚାଲିଛି ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଶିକ୍ଷକ ଶୂନ୍ୟ ହେବାକୁ ବସିଲାଣି ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ

ବେତନଟୀ ( ନି.ପ୍ର ) : ବେତନଟୀ ବ୍ଲକରେ ମୋଟ ୧୭ଟି ନୂତନ ଅନୁଦାନ ପ୍ରାପ୍ତ ହାଇସ୍କୁଲ ରହିଛି । ସେଥିରେ ମୋଟ ୨୬୧୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାର ଜଣା ପଡ଼ିଛି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକିଯେ ଏହିପରି ବିଦ୍ୟାଳୟ ଗୁଡିକରେ ସରକାରଙ୍କ ଦ୍ୱାରାନୂତନ ନିଯୁକ୍ତିର କୌଣସି ବ୍ୟବସ୍ଥା ନଥିବାରୁ ହାଇସ୍କୁଲ ଗୁଡିକ ଶିକ୍ଷକ ଶୂନ୍ୟ ହେବାକୁ ବସିଲାଣି । ଯେଉଁ କେତୋଟି ବିଦ୍ୟାଳୟରେ କିଛି ଶିକ୍ଷକ ଅଛନ୍ତି ତାହା ମଧ୍ୟ ନିକଟ ଭବିଷ୍ୟତରେ ଖାଲି ପଡ଼ିଯିବ । ଏଣୁ ଶିକ୍ଷାର ଅଭିବୃଦ୍ଧି ପାଇଁ ଖୋଲା ଯାଇଥିବା ବିଦ୍ୟାଳୟ ଗୁଡିକ ନିକଟରେ ବନ୍ଦ ହେବା ସ୍ୱାଭାବିକ । ବେତନଟୀ ବ୍ଲକ ଅନ୍ତର୍ଗତ ଜି ପି ହାଇସ୍କୁଲ ଧନପୁର ରେ ୧୪୫ ଜଣ ଛାତ୍ରଛାତ୍ରୀ ପଢୁଥିବା ବେଳେ ଆସନ୍ତା ମାସ ଠାରୁ ଖେଳ ଶିକ୍ଷକଙ୍କ ହାତର ବିଦ୍ୟାଳୟ ଚାଲିବ । ଅନ୍ୟ କୌଣସି ଶିକ୍ଷକ ନଥିବାରୁ ପିଲାମାନଙ୍କ ଭବିଷ୍ୟତ କଣ ହେବ ତାହା ଭଗବାନ ଜାଣନ୍ତି । ସେହିପରି ହୀରାଲାଲ ହାଇସ୍କୁଲ ଆମ୍ବଯୋଡ଼ା ମଧ୍ୟ ଅଗଷ୍ଟ ମାସ ଠାରୁ ଖେଳ ଶିକ୍ଷକଙ୍କ ହାତରେ ରହିବ । ପଂଚପଲ୍ଲୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ, କଳା ଶିକ୍ଷକ, ସଂସ୍କୃତ ଶିକ୍ଷକ ନଥିବାରୁ ଛାତ୍ରଛାତ୍ରୀ ବହୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ବେତନଟୀ ବ୍ଲକର ଏକ ଅଗ୍ରଣୀ ହାଇସ୍କୁଲ ରଘୁନାଥ ହାଇସ୍କୁଲ ରାଇକମା ରେ ୨୯୩ ଜଣ ପିଲା ପଢୁଥିବା ବେଳେ ଜଣେ ଗଣିତ, ଜଣେ ବିଜ୍ଞାନ ଓ ଜଣେ ହିନ୍ଦୀ ଶିକ୍ଷକ ଅଛନ୍ତି । ଠିକ ସେହିଭଳି କଂଟିପୁର ହାଇସ୍କୁଲ ଆଗାମୀ ଫେବୃଆରୀ ମାସରୁ ଜଣେ ଶିକ୍ଷକରେ ସ୍କୁଲ ଚାଲିବ ଏହିପରି ହାଇସ୍କୁଲ ଗୁଡିକରେ ଯଦି ସରକାର ଖୁବ ଶୀଘ୍ର ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି ନକରନ୍ତି ତେବେ ଘଂଟା ବାଜିବା ନିଶ୍ଚିତ ବନ୍ଦ ହେବ । ସରକାର ଏହି ବିଷୟ ପ୍ରତି ଦୃଷ୍ଟି ନଦେଲେ ଶିକ୍ଷାର ଅଭିବୃଦ୍ଧି ପାଇଁ ଖୋଲି ଥିବା ବିଦ୍ୟାଳୟ ଗୁଡିକ ନିକଟରେ ବନ୍ଦ ହେବା ନିଶ୍ଚିତ । ଯାହା ଫଳରେ ଗାଁ ଗଣ୍ଡା ରେ ରହୁଥିବା ପିଲା ମାନେ ପାଠ ପଢ଼ାରୁ ବଂଚିତ ହେବେ । ଏହି ୧୭ଟି ହାଇସ୍କୁଲ ମଧ୍ୟରୁ ୭ଟି ହାଇସ୍କୁଲରେ ଇନଚାର୍ଜ ପ୍ରଧାନଶିକ୍ଷକ ଥିବା ବେଳେ ଅଧିକାଂଶ ବିଦ୍ୟାଳୟ ରେ ଶିକ୍ଷକ, କ୍ଲର୍କ, ପିଅନ ନାହାନ୍ତି । ଅଂଚଳର ଶିକ୍ଷାବିତ, ବୁଦ୍ଧିଜୀବୀ ଏଥି ପ୍ରତି ଘୋର ଉଦବେଗ ପ୍ରକାଶ କରିବାସହ ତୁରନ୍ତ ନିଯୁକ୍ତି ଦାବିକରିଛନ୍ତି ସେହିପରି ଓଷ୍ଟାର ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ ସଭାପତି ଶିଶିର କୁମାର ନାୟକ, ସମ୍ପାଦକ ସୂର୍ଯ୍ୟାନନ୍ଦ ନାୟକ ସରକାର ପିଲା ମାନଙ୍କ ଭବିଷ୍ୟତ କୁ ଦୃଷ୍ଟିରେ ରଖି ତୁରନ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ନିଯୁକ୍ତି ପାଇଁ ଦାବି କରିଛନ୍ତି ।

# ଗୀତିକବିତା ପୁସ୍ତକ 'ମନ ଖୋଜେ କାଳିଆ' ଉନ୍ମୋଚିତ

କଟକ : (ନି. ପ୍ର.) ଭାବ ଓ ଭକ୍ତିର ସୁନ୍ଦର ପରିବେଶରେ ଗୀତିକବିତା ଖୋଜେ କାଳିଆ' ଉନ୍ମୋଚିତ ହୋଇଛି । ଆମ ଜଗନ୍ନାଥ ଆଧାତ୍ମିକ ପ୍ରତିଷ୍ଠାନର ଦ୍ୱିତୀୟ ବାର୍ଷିକ ଉତ୍ସବ ଚତୁର୍ଭୁଜ ଜଗନ୍ନାଥରେ ବିଶିଷ୍ଟ ଅତିଥିମାନଙ୍କ ଗହଣରେ ' ଓଡ଼ିଶା ବୁକ୍ ଏମ୍ପୋରିୟମ୍' ଦ୍ୱାରା ପ୍ରକାଶିତ ଡ଼. ଭୁବନାନନ୍ଦ ଅଧିକାରୀଙ୍କ ଲିଖିତ ଗୀତିକବିତା ଭାବ ଭକ୍ତିର ଫଲ୍ ?ଗୁ 'ମନ ଖୋଜେ କାଳିଆ' ପୁସ୍ତକ ଲୋକାର୍ପିତ ହୋଇଛି । ଏହି ଉତ୍ସବରେ ଜଗତସିଂହପୁର ସାଂସଦ ଡ଼. ବିଭୁ ପ୍ରସାଦ ତରାଇ, ବରିଷ୍ଠ ଅଭିନେତା ବିନାୟକ ମିଶ୍ର, ଶିକ୍ଷାବିତ୍ ପ୍ରଫେସର ଚପଳା ବହିଦାର, ବରିଷ୍ଠ ସେବାୟତ ଲକ୍ଷ୍ମୀ ନାରାୟଣ ପୂଜାପଣ୍ଡା ସାମନ୍ତ, ବିଶିଷ୍ଟ ଗୀତିକାର ମୋହିତ ଚକ୍ରବର୍ତ୍ତୀ, ଡ଼ା. ରମେଶ ଦାସ, ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ସଂଗଠକ ହୃଦୟ ବଲ୍ଲଭ ସାମନ୍ତରାୟ, 'ଓଡ଼ିଶା ବୁକ୍ ଏମ୍ପୋରିୟମ୍'ର ପ୍ରକାଶକ ଶିବାଶିଷ କର, ବରିଷ୍ଠ କଣ୍ଠଶିଳ୍ପୀ ଜୀବନାନନ୍ଦ ଅଧିକାରୀ, ଆମ ଜଗନ୍ନାଥର ସମ୍ପାଦକ ଲୋପାମୁଦ୍ରା ମହାନ୍ତି, ଲଳିତ ମୋହନ ରାୟ, ମାନସ ଦାସ ଓ କୋଷାଧ୍ୟକ୍ଷ ଡ଼ ରାକେଶ ରୋଶନ ଶତପ ?ଥୀ ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ଥିଲେ । ଏହି ଗୀତିକବିତା ପୁସ୍ତକରେ ୫୦ଟି ଗୀତିକବିତା ସ୍ଥାନ ପାଇଛି ।

# ସିମେଂଟ-ଷ୍ଟିଲ୍ ଦର ନିର୍ଦ୍ଧାରଣ କରିବେ ସରକାର

ଭୁବନେଶ୍ୱର : ସିମେଂଟ-ଷ୍ଟିଲ୍ ଦର ନିର୍ଦ୍ଧାରଣ କରିବେ ସରକାର । ଜିଲ୍ଲାପାଳଙ୍କ ଅଧକ୍ଷତାରେ ଗଠିତ କମିଟି ଦର ଚୂଡ଼ାନ୍ତ କରିବ ।ଏଥିପାଇଁ ରାଜ୍ୟ ସରକାର ନୂଆ ଏସ୍‌ଓପି ଜାରି କରିଛନ୍ତି । ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟରେ ସିମେଂଟ ଓ ଷ୍ଟିଲ୍ ଦର ନିର୍ଦ୍ଧାରଣକୁ ନେଇ ଏଣିକି ଏକକ ବ୍ୟବସ୍ଥା ଲାଗୁ ହେବ । ଜିଲ୍ଲାଭିତିକ ଭାବେ ସିମେଂଟ ଓ ଷ୍ଟିଲ୍ ଦର ଚୂଡ଼ାନ୍ତ କରିବା ପାଇଁ ରାଜ୍ୟ ସରକାର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର (ଏସ୍‌ଓପି) ଜାରି କରିଛନ୍ତି । ଏହି ବ୍ୟବସ୍ଥା ଲାଗୁ ହେଲେ ଦର ନିର୍ଦ୍ଧାରଣରେ ସ୍ୱଚ୍ଛତା ଆସିବା ସହ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ୱ କମିବ । ସୂଚନା ଅନୁଯାୟୀ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ଜିଲ୍ଲାସ୍ତରୀୟ କମିଟି ଗଠନ ହେବ । ସିଡିଓ-କମ୍-ଇଓ ସଦସ୍ୟ ସଂଯୋଜକ ରହିବେ । ଏହାଛଡ଼ା ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ (ବୈଷୟିକ), ରାସ୍ତା ଓ କୋଠାବାଡ଼ି କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ ଅଧୀକ୍ଷଣ କିମ୍ବା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଦୁଇଜଣ ବିଡିଓ ଏବଂ ଦୁଇଜଣ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କମିଟିର ସଦସ୍ୟ ରହିବେ । ଏହି କମିଟି ପ୍ରତି ତିନି ମାସରେ ସିମେଂଟ ଓ ଷ୍ଟିଲ୍ ଦର ଚୂଡ଼ାନ୍ତ କରିବ । ସିମେଂଟ ଦର ନିର୍ଦ୍ଧାରଣ ପାଇଁ ଜିଲ୍ଲା ପରିଷଦ ଓଡ଼ିଶାରେ ଉତ୍ପାଦନ କରୁଥିବା କମ୍ପାନିଗୁଡ଼ିକଠାରୁ ସିଧାସଳଖ ଦରପତ୍ର ସଂଗ୍ରହ କରିବ । ଅତି କମ୍ ରେ ତିନିଟି କମ୍ପାନିର କାରଖାନା ଦରର ହାରାହାରି ଆଧାରରେ ଚୂଡ଼ାନ୍ତ ଦର ସ୍ଥିର ହେବ । ଷ୍ଟିଲ୍ କ୍ଷେତ୍ରରେ ଏସଏଆଇଏଲର ଦରକୁ ପ୍ରାଥମିକତା ଦିଆଯିବ । ଏସଏଆଇଏଲର ଷ୍ଟିଲ୍ ଉପଲବ୍ଧ ନ ଥିଲେ ପୂର୍ତ୍ତ ବିଭାଗ ଅନୁମୋଦିତ ଅନ୍ୟ କମ୍ପାନିର ଦର ବିଚାରକୁ ନିଆଯିବ । ବିଆଇଏସ୍ ମାନକ ଅନୁଯାୟୀ ଷ୍ଟିଲ୍ ବ୍ୟବହାର କରିବା, ଆବଶ୍ୟକସ୍ଥଳେ ସ୍ୱାଧୀନ ପରୀକ୍ଷା କରିବା ଏବଂ କେବଳ ବିଶ୍ୱସନୀୟ ଇଂଟିଗ୍ରେଟେଡ୍ ଷ୍ଟିଲ୍ ଉତ୍ପାଦନକାରୀ ସଂସ୍ଥାଠାରୁ କ୍ରୟ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି । ପ୍ରତିବର୍ଷ ଏପ୍ରିଲ, ଜୁଲାଇ, ଅକ୍ଟୋବର ଓ ଜାନୁଆରିର ପ୍ରଥମ ଦିନ ସୁଦ୍ଧା ଚୂଡ଼ାନ୍ତ ଦର, ବୈଠକ କାର୍ଯ୍ୟବିବରଣୀ, ଦରପତ୍ର ଓ ହିସାବପତ୍ର ସିକ୍ୟୁର ସଫ୍ଟ ଏବଂ ପିପିଏମଏସ୍ ରେ ଅପଲୋଡ୍ କରି ବିଭାଗକୁ ପଠାଇବାକୁ ପଡ଼ିବ ।

# ଆହୁରି ୩ ଦିନ ଭିଜିବ ଓଡ଼ିଶା



ଭୁବନେଶ୍ୱର: ଆଗାମୀ କିଛି ଦିନ ମଧ୍ୟରେ ଭାରତର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଭାରତୀୟ ପାଣିପାଗ ବିଭାଗ (ଆଇଡି) ମହାରାଷ୍ଟ୍ର, ଓଡ଼ିଶା, ଝାଡ଼ଖଣ୍ଡ, ହିମାଚଳ ପ୍ରଦେଶ ଏବଂ ଉତର-ପୂର୍ବର କିଛି ଅଂଶ ପାଇଁ ପାଣିପାଗ ସତର୍କତା ଜାରି କରିଛି । ଆଇଏମଡି ସୂଚନା ଅନୁଯାୟୀ, ବଙ୍ଗୋପସାଗରରେ ସୃଷ୍ଟ ଅବପାତ ବର୍ତମାନ ଦକ୍ଷିଣ ଝାଡଖଣ୍ଡ ଓ ଉତର ଆଭ୍ୟନ୍ତରୀଣ ଓଡିଶା ପାର୍ଶ୍ୱବର୍ତୀ ଅଂଚଳରେ ସକ୍ରିୟ ରହିଛି । ଏହାର ପ୍ରଭାବରେ ରାଜ୍ୟରେ ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ କିଛି କିଛି ଅଂଚଳରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ମଙ୍ଗଳବାର ସାରା ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିବ ବୋଲି ସତର୍କ ସୂଚନା ଦେଇଛି । ସେହିପରି ପ୍ରତିକୂଳ ପାଣିପାଗ ପରିସ୍ଥିତି ଯୋଗୁଁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି ।



# ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ବିତାଙ୍ଗ ଆଦିପୂର୍ଣ୍ଣ ମେଡାଲରେ ସମ୍ମାନିତ ହେଲେ ପ୍ରଧାନମନ୍ତ୍ରୀ





ଜାକର୍ତା: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ମୋଦୀ ସୋମବାର ଇଣ୍ଡୋନେସିଆ ଗସ୍ତ ପାଇଁ ଜାକର୍ତାରେ ପହଂଚିଥିଲେ । ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଓ ସୁବିୟାଂଟୋ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଇଣ୍ଡୋନେସିଆ ଗଣରାଜ୍ୟର ସର୍ବୋଚ୍ଚ ସମ୍ମାନ, "ଇଣ୍ଡୋନେସିଆ ଗଣରାଜ୍ୟର ବିତାଙ୍ଗ ଆଦିପୂର୍ଣ୍ଣ ପଦକ ସମ୍ମାନ" ପ୍ରଦାନ କରିଛନ୍ତି । ଏହି ସମ୍ମାନ ସେମାନଙ୍କୁ ଦିଆଯାଏ ଯେଉଁମାନେ ଇଣ୍ଡୋନେସିଆର ଏକତା, ନିରନ୍ତରତା ଏବଂ ସମୃଦ୍ଧି ପାଇଁ ଅସାଧାରଣ ସେବା ପ୍ରଦାନ କରିଛନ୍ତି । ଇଣ୍ଡୋନେସିଆ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏହି ସମ୍ମାନ ପାଇଁ ବାଛିଛି । ରାଷ୍ଟ୍ରପତି ପ୍ରବୋଓଙ୍କଠାରୁ ଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଏହି ସମ୍ମାନ ଲକ୍ଷ ଲକ୍ଷ ଭାରତୀୟଙ୍କର । ତାଙ୍କ ଅଭିଭାଷଣରେ ସେ କହିଛନ୍ତି, "ଏହି ସମ୍ମାନ ଇଣ୍ଡୋନେସିଆର ଲୋକଙ୍କ ଭାବନା ଏବଂ ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ଐତିହାସିକ ଏବଂ ଗଭୀର ସମ୍ପର୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି । ଏହି ସମ୍ମାନ ଏହି ସମ୍ପର୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି ।" ଉଲ୍ଲେଖଯୋଗ୍ୟ, ଜାକର୍ତାରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗ ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ ଭାରତ ଏବଂ ଇଣ୍ଡୋନେସିଆର ଏକ ଐତିହାସିକ ଏବଂ ଘନିଷ୍ଠ ସମ୍ପର୍କ ରହିଛି, ଯାହାକୁ ଉଭୟ ଦେଶ ମିଳିତ ଭାବରେ ଆଗକୁ ବଢ଼ାଇବେ ।

# ଇସ୍କନର ଅଦିନିଆ ରଥଯାତ୍ରା

## ହସ୍ତକ୍ଷେପ କରିବାକୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ଗଜପତି



ଭୁବନେଶ୍ୱର : ଯେତେ ବିରୋଧ କଲେ ବି ମାନୁନି ଇସ୍କନ । ଜଗନ୍ନାଥ ସଂସ୍କୃତି ବେଖାତିର କରି ଅଦିନରେ କରୁଛି ରଥଯାତ୍ରା ଓ ସ୍ନାନଯାତ୍ରା । ଏହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ । ଏନେଇ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି । ଏ ପ୍ରସଙ୍ଗରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ଲାଗି ସମୟ ମାଗିଛନ୍ତି । ପରମ୍ପରାକୁ ଭାଙ୍ଗି ରଥଯାତ୍ରା ଓ ସ୍ନାନଯାତ୍ରା ଆୟୋଜନ କରାଯାଉଛି । ଏହା ଜଗନ୍ନାଥପ୍ରେମୀଙ୍କ ଧର୍ମୀୟ ଭାବାବେଗକୁ ଆଘାତ ଦେଇଛି । କେନ୍ଦ୍ର ସରକାର ନିଶ୍ଚୟ କିଛି ପଦକ୍ଷେପ ନେବେ । ନୀଳାଦ୍ରି ବିଜେ ପରେ ଏକ ଟିମ୍ ଯାଇ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଭେଟିବ ବୋଲି ଗଜପତି ମହାରାଜ ପ୍ରକାଶ କରିଛନ୍ତି । ଏହା ପୂର୍ବରୁ ୨୪ ଅକ୍ଟୋବର ୨୦୨୫ରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ଗଜପତି ଦିବ୍ୟସିଂହ ଦେବ । ୩ ଦିନ ପୂର୍ବରୁ ଇସ୍କନକୁ ୧୨୫ ପୃଷ୍ଠାର ଚିଠି ଲେଖିଥିଲେ ପୁରୀ ଗଜପତି ମହାରାଜ । ଗତବର୍ଷ ମାର୍ଚ୍ଚ ମାସ ୨୦ ତାରିଖରେ ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ନେଇ ଇସ୍କନ ଏବଂ ଶ୍ରୀମନ୍ଦିର ପ୍ରଶାସନ ସହିତ ବିଦ୍ୱାନ ପଣ୍ଡିତ ମାନଙ୍କ ବୈଠକ ବସିଥିଲା । ସେପଟ୍ଟେମ୍ବର ୨୦୨୫ରେ ଇସ୍କନ ନିଜର ପକ୍ଷ ରଖିଥିଲା । ବିଭିନ୍ନ ପରିସ୍ଥିତି ପାଇଁ ଇସ୍କନ ଅ-ତିଥିରେ ରଥଯାତ୍ରା କରୁଛି ବୋଲି କହିଥିଲା । ଇସ୍କନର ସମସ୍ତ ମନ୍ଦିରରେ ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନଯାତ୍ରା ଆୟୋଜନ କରିବାକୁ ପ୍ରତିଶ୍ରୁତି ଦେଇଥିଲା । ଏହା ସହିତ ବିଦେଶର ୨୪୭ ସ୍ଥାନରେ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରୁ ୯ ଦିନ ଭିତରେ ରଥଯାତ୍ରା ଆୟୋଜନର ଭରସା ମଧ୍ୟ ଦେଇଥିଲା । ଏବେ ଅଦିନରେ ରଥଯାତ୍ରା ଆୟୋଜନ କରୁଥିବାରୁ ଗଜପତି ମହାରାଜ ପ୍ରତିଶ୍ରୁତିକୁ ମନେ ପକାଇ ଦେଇଛନ୍ତି । ଏବେ କିନ୍ତୁ ଦେଶ ବିଦେଶର ବିଭିନ୍ନ ସ୍ଥାନରେ ଇସ୍କନ ଅତିଥିରେ ସ୍ନାନଯାତ୍ରା । ଆୟୋଜନ କରିଥିବା ବେଳେ ସେହିପରି ଅଦିନିଆ ରଥଯାତ୍ରା ଆୟୋଜନ କରିଚାଲିଛି । ସେହିପରି ମଧ୍ୟପ୍ରଦେଶର ୬୬ଟି ସ୍ଥାନରେ ଇସ୍କନ ୧୬ରୁ ୨୫ ତାରିଖ ଯାଏଁ ରଥଯାତ୍ରା ଆୟୋଜନ କରିବାକୁ ଘୋଷଣା କରିଛି । ତେବେ ନବଦିନାତ୍ମକ ପରେ ରଥଯାତ୍ରା ଆୟୋଜନ କରିବା ବିଧି ସଙ୍ଗତ ନୁହେଁ । ତେଣୁ ଗଜପତି ମହାରାଜ ଆଉ ଥରେ ଇସ୍କନକୁ ଅବଗତ କରିଛନ୍ତି । ୧୬ରୁ ୨୪ ତାରିଖରେ ଦେଶ ବିଦେଶରେ ରଥଯାତ୍ରା ଆୟୋଜନ କରିବାକୁ କହିଛନ୍ତି ।

# ମାଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷାର ଡିଜିଟାଲ୍ ମୂଲ୍ୟାୟନ ହେବ



କଟକ: ଏଣିକି ମାଟ୍ରିକ୍ ସପ୍ଲିମେଂଟାରୀର ମୂଲ୍ୟାୟନ ଡିଜିଟାଲ୍ ମୋଡ୍‌ରେ ହେବ । ଡିଜିଟାଲ୍ ମୂଲ୍ୟାୟନ ହେଉଛି ଉତର ଖାତାଗୁଡ଼ିକୁ ଡିଜିଟାଲ୍ ରୂପେ (ସ୍କାନ୍ କରି) କମ୍ପ୍ୟୁଟର କିମ୍ବା ଟାବଲେଟ୍ ମାଧ୍ୟମରେ ଯାଂଚ କରିବା ପ୍ରକ୍ରିୟା । ଏହା ବୋର୍ଡ ପରୀକ୍ଷାରେ ସ୍ୱଚ୍ଛତା ଓ ତ୍ରୁଟିଶୂନ୍ୟତା ପାଇଁ ବ୍ୟବହାର ହୁଏ । ପରୀକ୍ଷାର୍ଥୀମାନେ ନିଜର ମୂଲ୍ୟାୟନ ଖାତାକୁ ଅନଲାଇନ୍‌ରେ ଦେଖିବାର ସୁବିଧା ମଧ୍ୟ ପାଇଥାନ୍ତି । ଆସନ୍ତା ମାଟ୍ରିକ୍ ପରୀକ୍ଷାର ମୂଲ୍ୟାୟନ ଡିଜିଟାଲ୍ ମୋଡ୍‌ରେ ତଥା ଅନ୍ ସ୍କ୍ରିନ୍ ଭ୍ୟାଲୁଏସେନ୍ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଯୋଜନା ରଖିଛି । ଏଥିଲାଗି ପରୀକ୍ଷାମୂଳକ ଭାବେ ଚଳିତ ସପ୍ଲିମେଂଟାରୀ ପରୀକ୍ଷା ସହ ଷ୍ଟେଟ୍ ଓପନ ସ୍କୁଲ୍ ସାର୍ଟିଫିକେଟ୍ (ଏସ୍‌ଓଏସସି) ପରୀକ୍ଷାର ଉତର ଖାତାଗୁଡ଼ିକର ଡିଜିଟାଲ୍ ଭ୍ୟାଲୁଏସନ୍ କରାଯିବ । ତେଣୁ ଉତର ଖାତାରେ ମୂଲ୍ୟାୟନକାରୀଙ୍କର ଲାଲ ରଙ୍ଗ କାଳିର କଲମରେ ଭୁଲ୍ ଠିକ୍ ବାଛି ନମ୍ବର ଦେବା ବଦଳରେ ଲାପ୍‌ଟପ୍‌ର ସ୍କ୍ରିନ୍ ଉପରେ ମାଉସ୍‌ରେ କ୍ଲିକ୍ କରି ରେଡ ମାର୍କ ଦେଇ ମୂଲ୍ୟାୟନ କରିବେ । ଏହି ଡିଜିଟାଲ୍ ମୂଲ୍ୟାୟନ ଲାଗି ବୋର୍ଡ ପକ୍ଷରୁ ଏବେ ପ୍ରସ୍ତୁତି ଆରମ୍ଭ ହୋଇଛି । ଡିଜିଟାଲ୍ ଭ୍ୟାଲୁଏସନ୍ ରାଜ୍ୟର ୩ ଟି ସ୍ଥାନରେ ଯଥା ସମ୍ବଲପୁର, ଭୁବନେଶ୍ୱର ଓ କଟକରେ ହେବ ବୋଲି ବୋର୍ଡ ପକ୍ଷରୁ ସ୍ଥିର ହୋଇଛି । ପରୀକ୍ଷା ଆସନ୍ତା ୧୦ ତାରିଖରେ ଶେଷ ହେଉଥିବାରୁ ମୂଲ୍ୟାୟନ ପ୍ରାୟ ୧୯ ତାରିଖରୁ ଆରମ୍ଭ ପାଇଁ ବୋର୍ଡ ଲକ୍ଷ୍ୟ ରଖାଯାଇଛି । ମାଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷାର ପ୍ରଥମ ଥର ପାଇଁ ଡିଜିଟାଲ୍ ଭ୍ୟାଲୁଏସନ୍ ପାଇଁ ଯୋଜନା ଥିବାରୁ ଏହା ପୂର୍ବରୁ ମୂଲ୍ୟାୟନକାରୀଙ୍କୁ ବୋର୍ଡ ପକ୍ଷରୁ ଟ୍ରେନିଂ ଦିଆଯିବ । ଦୁଇ ଦିନ ଧରି ହେବାକୁ ଥିବା ଏହି ତାଲିମ୍ ଶିବିରରେ ୪ ଶହ ଶିକ୍ଷକ ତାଲିମ ନେବେ । ଗତ ୨ ତାରିଖରେ ଆରମ୍ଭ ହୋଇଥିବା ମାଟ୍ରିକ୍ ସପ୍ଲିମେଂଟାରୀ ଓ ଏସ୍‌ଓଏସ୍‌ସି ପରୀକ୍ଷା ଆସନ୍ତା ୧୦ ତାରିଖରେ ଶେଷ ହେବ । ପ୍ରଥମ ୩ ଦିନର ପରୀକ୍ଷା ଖାତା ଆସନ୍ତାକାଲିଠାରୁ ବୋର୍ଡ ପକ୍ଷରୁ ପ୍ରତି ପରୀକ୍ଷା କେନ୍ଦ୍ରରୁ ସଂଗ୍ରହ କରାଯିବ । ପରୀକ୍ଷା ଶେଷ ପରେ ଅବଶିଷ୍ଟ ବିଷୟର ଉତର ଖାତା ସହ ଏସ୍‌ଓଏସ୍‌ସିର ଉତରଖାତାଗୁଡ଼ିକ ସଂଗ୍ରହ କରାଯାଇ ଆସନ୍ତା ୧୨ ତାରିଖ ସୁଦ୍ଧା ବୋର୍ଡ କାର୍ଯ୍ୟାଳୟରେ ପହଂଚିବ । ଖାତା ସ୍କାନ୍ ପରେ ମୂଲ୍ୟାୟନକାରୀମାନେ ଅନ୍‌ସ୍କ୍ରିନ୍‌ରେ ମୂଲ୍ୟାୟନ କରିବେ ।

# ୧୧ ଜୁଲାଇରୁ ପୁରୀ-କୋରାପୁଟ ତ୍ରି-ସାପ୍ତାହିକ ଏକ୍ସପ୍ରେସର ନିୟମିତ ଚଳାଚଳ



ଭୁବନେଶ୍ୱର : ଓଡ଼ିଶାରେ ରେଳ ସଂଯୋଗକୁ ଆହୁରି ସୁଦୃଢ଼ କରିବା ଦିଗରେ ଭାରତୀୟ ରେଳପଥ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି । ଗତ ୦୬ ଜୁଲାଇ ୨୦୨୬ ତାରିଖରେ ପୁରୀ ରେଳ ଷ୍ଟେସନରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଶୁଭାରମ୍ଭ ପରେ ପୁରୀ-କୋରାପୁଟ-ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ ବର୍ତମାନ ନିୟମିତ ଭାବେ ଚଳାଚଳ କରିବ । ଏହି ଟ୍ରେନ ୧୧ ଜୁଲାଇ ୨୦୨୬ ଠାରୁ ପୁରୀରୁ ଏବଂ ୧୨ ଜୁଲାଇ ୨୦୨୬ ଠାରୁ କୋରାପୁଟରୁ ନିୟମିତ ଭାବରେ ଚଳାଚଳ କରିବ । ଟ୍ରେନ ନଂ. ୧୮୪୦୭ ପୁରୀ-କୋରାପୁଟ ତ୍ରି-ସାପ୍ତାହିକ ଏକ୍ସପ୍ରେସ ୧୧ ଜୁଲାଇ ୨୦୨୬ ଠାରୁ ପ୍ରତ୍ୟେକ ସୋମବାର, ଗୁରୁବାର ଓ ଶନିବାର ଚଳାଚଳ କରିବ । ଟ୍ରେନଟି ସକାଳ ୭:୦୦ଟାରେ ପୁରୀରୁ ଛାଡ଼ି ସେହିଦିନ ରାତି ୧୧:୩୦ଟାରେ କୋରାପୁଟରେ ପହଂଚିବ । ସେହିପରି ଟ୍ରେନ ନଂ. ୧୮୪୦୮ କୋରାପୁଟ-ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ ୧୨ ଜୁଲାଇ ୨୦୨୬ ଠାରୁ ପ୍ରତ୍ୟେକ ମଙ୍ଗଳବାର, ଶୁକ୍ରବାର ଓ ରବିବାର ଚଳାଚଳ କରିବ । ଏହା ସକାଳ ୫:୦୦ଟାରେ କୋରାପୁଟରୁ ଛାଡ଼ି ସେହିଦିନ ରାତି ୧୦:୨୦ଟାରେ ପୁରୀରେ ପହଂଚିବ । ଏହି ଟ୍ରେନ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ନରାଜ ମାର୍ଥାପୁର, ଢେଙ୍କାନାଳ, ତାଳଚେର ରୋଡ୍, ଅନୁଗୁଳ, ବଇଣ୍ଡା, ରଇରାଖୋଲ, ସମ୍ବଲପୁର, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, ଟିକିରି, ଲକ୍ଷ୍ମୀପୁର ରୋଡ୍, କାକିରିଗୁମ୍ମା ଏବଂ ଦାମନଯୋଡ଼ି ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ ରହଣି କରିବ । ଏହା ଦ୍ୱାରା ଉପକୂଳ, ମଧ୍ୟ ଓ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନେ ଅଧିକ ସୁବିଧାଜନକ ରେଳ ସଂଯୋଗ ପାଇପାରିବେ । ଏହି ଟ୍ରେନ ରେ ସମୁଦାୟ ୧୮ଟି ଆଧୁନିକ ଏଲ୍‌ଏଚ୍‌ବି କୋଚ୍ ରହିବ । ସେଥିରେ ଗୋଟିଏ ଏସି ଦ୍ୱିତୀୟ ଶ୍ରେଣୀ କୋଚ୍, ତିନୋଟି ଏସି ତୃତୀୟ ଶ୍ରେଣୀ କୋଚ୍, ଆଠଟି ଶୟନଯାନ କୋଚ୍, ଚାରିଟି ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍, ଗୋଟିଏ ଦ୍ୱିତୀୟ ଶ୍ରେଣୀ ସହ ଲଗେଜ୍ ବ୍ରେକ୍ ଭ୍ୟାନ୍ ଏବଂ ଗୋଟିଏ ଦିବ୍ୟାଙ୍ଗ-ଅନୁକୂଳ ଦ୍ୱିତୀୟ ଶ୍ରେଣୀ ସହ ଲଗେଜ୍ କୋଚ୍ ରହିଛି, ଯାହା ବିଭିନ୍ନ ଶ୍ରେଣୀର ଯାତ୍ରୀଙ୍କୁ ସୁରକ୍ଷିତ ଓ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବ । ପୁରୀ-କୋରାପୁଟ ତ୍ରି-ସାପ୍ତାହିକ ଏକ୍ସପ୍ରେସର ନିୟମିତ ଚଳାଚଳ ଆରମ୍ଭ ଓଡ଼ିଶାରେ ଯାତ୍ରୀ ସୁବିଧା ବୃଦ୍ଧି ଏବଂ ରେଳ ସଂଯୋଗ ବିସ୍ତାର ଦିଗରେ ଭାରତୀୟ ରେଳପଥର ଆଉ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ ।

# ଛାତ୍ରଛାତ୍ରୀଙ୍କ ପାଇଁ ଖୋଲିଲା ସ୍ୱତନ୍ତ୍ର ପୋର୍ଟାଲ୍, ସିଧାସଳଖ ସମସ୍ୟା ଶୁଣିବ ଗଣଶିକ୍ଷା ବିଭାଗ





ଭୁବନେଶ୍ୱର: ଓଡ଼ିଶା ସରକାର ଅନେକ ସେବା, ଯୋଜନା ଏବଂ ସରକାରୀ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ପୋର୍ଟାଲ୍ ପ୍ରସ୍ତୁତ କରିଛନ୍ତି । ଏବେ ଫୋକସରେ ସ୍କୁଲ ଛାତ୍ରଛାତ୍ରୀ । ସ୍କୁଲ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପୋର୍ଟାଲ ଖୋଲାଯାଇଛି । ଏକାଡେମିକ୍ ସମସ୍ୟା, ମନସ୍ତତ୍ତ୍ୱଗତ ସମସ୍ୟା ଆଦି ଥିଲେ ଏହି ପୋର୍ଟାଲ୍‌ରେ ନିଜର ଅଭିଯୋଗ କରିପାରିବେ । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ପୋର୍ଟାଲ କରାଯାଇଛି । ଏହି ପୋର୍ଟାଲ ବାବଦରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ହୋଇଥିବା ଚିଠିରେ ଉଲ୍ଲେଖ କରାଯାଇଛି, ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଷ୍ଟୁଡେଂଟ ହେଲ୍ପଲାଇନ୍ ପୋର୍ଟାଲ ଖୋଲାଯାଇଛି । ଏହି ପୋର୍ଟାଲ www.smeuas.odisha.gov.in ରେ ଛାତ୍ରଛାତ୍ରୀମାନେ ସେମାନଙ୍କ ଅଭିଯୋଗକୁ ସିଧାସଳଖ ବିଭାଗକୁ ଜଣାଇପାରିବେ । ଆଗରୁ ଷ୍ଟୁଡେଂଟ ହେଲ୍ପ ଲାଇନ୍ ନମ୍ବର ଥିବା ବେଳେ ଏବେ ରାଜ୍ୟ ସରକାର ୱେବ୍‌ସାଇଟ୍ ମାଧ୍ୟମରେ ଛାତ୍ରଛାତ୍ରୀଙ୍କଠାରୁ ସେମାନଙ୍କ ସମସ୍ୟା ଜାଣିବେ । ଉକ୍ତ ସମସ୍ୟାର ସମାଧାନ କରିବେ । ସେମାନଙ୍କୁ ଯଦି ଶିକ୍ଷାଦାନରେ କିଛି ଅସୁବିଧା ହୁଏ, ସ୍କୁଲ ସମସ୍ୟା, ମାନସିକ ନିର୍ଯାତନା ସହ ଅନ୍ୟ ସମସ୍ତ ସମସ୍ୟାକୁ ଜଣାଇ ପାରିବେ । ସେହିପରି ଦୁର୍ଘଟଣା, ଅତିରିକ୍ତ କ୍ଲାସରୁମ୍, ନାମଲେଖା, ସ୍କୁଲରେ କୋଠା ସମସ୍ୟା, ଜାତି ଓ ଧର୍ମ ସମ୍ପର୍କିତ ସମସ୍ୟା, ବାଲ୍ୟ ବିବାହ, ଭିନ୍ନକ୍ଷମ, ନିର୍ମାଣ କାର୍ଯ୍ୟ, କମ୍ପ୍ୟୁଟର ଏଡେଡ୍ ଲର୍ଣ୍ଣିଂ, ପାନୀୟ ଜଳ, ଫେକ୍ ନାମଲେଖା, ଶିଶୁଙ୍କ ଉପରେ ନିର୍ଯାତନା, ମଧ୍ୟାହ୍ନ ଭୋଜନ, ଅତ୍ୟାଚାର, ସ୍କୁଲ କୋଠାକୁ ଅନ୍ୟ କାର୍ଯ୍ୟରେ ବ୍ୟବହାର, ଶିକ୍ଷକମାନେ ନିଜ କାର୍ଯ୍ୟରେ ଅବହେଳା କରି ସ୍କୁଲ ନଆସିବା, ଘରୋଇ ଟ୍ୟୁସନ୍ କରିବା । ସ୍କୁଲ ପରିବେଶ ଓ ଯୌନ ନିର୍ଯାତନା ଆଦି ଅଭିଯୋଗକୁ ଏହି ପୋର୍ଟାଲ ମାଧ୍ୟମରେ ଜଣାଇପାରିବେ । ଏଥିରେ ଛାତ୍ରଛାତ୍ରୀମାନେ ପ୍ରଥମେ ମୋବାଇଲ ନମ୍ବର ଦେଇ ଲଗ୍‌ଇନ୍ କରିବେ । ଏହାପରେ ଛାତ୍ରଛାତ୍ରୀଙ୍କ ସେମାନଙ୍କ ନାମ ସହ ସ୍କୁଲ ନାମ, ଶ୍ରେଣୀ ବ୍ଲକ, ଜିଲ୍ଲା ଆଦି ଜଣାଇ ନିଜର ଅଭିଯୋଗ ସହ ଆବଶ୍ୟକ ସ୍ଥଳେ ଫଟୋ ମଧ୍ୟ ଦେଇପାରିବେ । ଏହି ପୋର୍ଟାଲ କେବଳ ଛାତ୍ରଛାତ୍ରୀଙ୍କ ପାଇଁ ରହିଛି ଶିକ୍ଷକଙ୍କ ପାଇଁ ନୁହେଁ ।

# ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଦକ୍ଷିଣପୂର୍ବ ରେଳପଥର ଅଭିବୃଦ୍ଧି

କୋଲକାତା : ଦକ୍ଷିଣ ପୂର୍ବ ରେଳବାଇ ଚଳିତ ଆର୍ଥିକ ବର୍ଷର (୨୦୨୬-୨୭) ପ୍ରଥମ ତିନି ମାସରେ (ଏପ୍ରିଲ-ଜୁନ୍) ମୋଟ ୫୩.୦୬ ନିୟୁତ ଟନ୍ ମୂଳ ମାଲ ପରିବହନ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ୧.୫୧% ବୃଦ୍ଧି ପଞ୍ଜିକୃତ କରିଛି । ପ୍ରମୁଖ ସାମଗ୍ରୀ ମଧ୍ୟରେ, ଫିନିସଡ୍ ଇସ୍ପାତ ଲୋଡିଂ ସର୍ବାଧିକ ୧୮.୨୨% ଅଭିବୃଦ୍ଧି ପଞ୍ଜିକୃତ କରିଛି, ଯେତେବେଳେ ଲୁହାପଥର ଲୋଡିଂ ୩.୭୦% ବୃଦ୍ଧି ପାଇଛି । ଗଉଖ ରୁ କୋଇଲା ଲୋଡିଂ ମଧ୍ୟ ୧୭.୬% ବୃଦ୍ଧି ରେକର୍ଡ କରିଛି, ଯାହା ପ୍ରତିଦିନ ହାରାହାରି ୧୮ ରେକ୍ ଅଟେ । ରାଜସ୍ୱ କ୍ଷେତ୍ରରେ, ମୂଳ ମାଲ ପରିବହନ ରାଜସ୍ୱ ଟଙ୍କାରେ ପହଂଚିଛି । ୪,୫୩୯ କୋଟି ଟଙ୍କା ରୋଜଗାର କରିଛି, ଯାହା ପୂର୍ବ ବର୍ଷର ସମାନ ଅବଧିକୁ ୧.୧୦% ଅତିକ୍ରମ କରିଛି । କୋଇଲା ପରିବହନ ୧,୪୨୬ କୋଟି ଟଙ୍କା ରୋଜଗାର କରିଛି, ଯାହା ଗତ ବର୍ଷ ତୁଳନାରେ ୧.୨% ବୃଦ୍ଧି ପାଇଛି । ଫିନିସଡ୍ ଇସ୍ପାତ ୮୧୦ କୋଟି ଟଙ୍କା ରୋଜଗାର କରିଛି, ଯାହା ୧୩.୧୯% ବୃଦ୍ଧି ପାଇଛି । ସାର ଲୋଡିଂ ୨୫ କୋଟି ଟଙ୍କା ରୋଜଗାର କରିଛି, ଯାହା ୩.୧୫% ଅଭିବୃଦ୍ଧିକୁ ପ୍ରତିଫଳିତ କରୁଛି ଏବଂ ପିଓଏଲ୍ ପରିବହନ ୫୨ କୋଟି ଟଙ୍କା ରୋଜଗାର କରିଛି, ଯାହା ପୂର୍ବ ବର୍ଷର ସମାନ ଅବଧି ତୁଳନାରେ ସର୍ବାଧିକ ୨୬.୩୯% ଅଭିବୃଦ୍ଧି ହାସଲ କରିଛି । ଏହାର ଦୃଢ଼ ମାଲ ପରିବହନ କାର୍ଯ୍ୟଦକ୍ଷତା ବ୍ୟତୀତ, ଦକ୍ଷିଣ ପୂର୍ବ ରେଳପଥ ରେଳ ଭିତିଭୂମି ଏବଂ ଯାତ୍ରୀ ସେବାକୁ ସୁଦୃଢ଼ କରିବା ଜାରି ରଖିଛି । ଏହି ସମୟ ମଧ୍ୟରେ, ନାରାୟଣଗଡ଼-ଭଦ୍ରକ ତୃତୀୟ ଲାଇନ ପ୍ରକଳ୍ପ ଅଧୀନରେ ଖନ୍ତାପଡ଼ା ଏବଂ ସୋରୋ (୧୮ କିଲୋମିଟର) ମଧ୍ୟରେ ତୃତୀୟ ଲାଇନ ସେକ୍ସନକୁ ୦୨.୦୬.୨୦୨୬ ରେ ସଫଳତାର ସହ କାର୍ଯ୍ୟକ୍ଷମ କରାଯାଇଛି ।

# ଭାରତୀୟ ବାଳିକା ହକି ଶିବିରରେ ଓଡ଼ିଶାରୁ ୪ ମନୋନୀତ



ଭୁବନେଶ୍ୱର: ଓମାନରେ ହେବାକୁ ଥିବା ବାଳିକା ୫ଏସ୍‌ହକି ଏସୀୟ ପ୍ରତିଯୋଗିତାକୁ ନଜରରେ ରଖି ଭୋପାଳସ୍ଥିତ ମଧ୍ୟପ୍ରଦେଶ ରାଜ୍ୟ ସୁଟିଂ ଏକାଡେମୀଠାରେ ଚଳିତ ମାସ ୪ରୁ ଆରମ୍ଭ ହୋଇଛି ଭାରତୀୟ ଦଳର ପ୍ରଶିକ୍ଷଣ ଶିବିର । ୧୮ ତାରିଖ ପର୍ଯ୍ୟନ୍ତ ଭାରତ ପୂର୍ବତନ ଅଧିନାୟିକା ରାଣୀଙ୍କ ତତ୍ତ୍ୱାବଧାନରେ ୧୫ ଜଣ ଖେଳାଳିଙ୍କୁ ନେଇ ଏହି ଶିବିର ଚାଲିବ । ଏହି ୧୫ ଜଣିଆ ଦଳରେ ଓଡ଼ିଶାରୁ ୪ ଜଣ ରହିଛନ୍ତି । ସେମାନେ ହେଲେ ରୁବିନା ବକ୍ସଲା, କିରଣ ଏକ୍କା, ସ୍ୱିଟି କୁଜୁର ଓ ପ୍ରିୟଙ୍କା ମିଞ୍ଜ । ଏହି ୪ ଜଣ ୧୮ ବର୍ଷରୁ କମ୍ ଏସୀୟ କପ୍ କାଂସ୍ୟବିଜେତା ଭାରତୀୟ ଦଳର ସଦସ୍ୟ ରହିଥିଲେ । ବାଳିକା ଦଳ: ରଶ୍ମିନ କୌର, ରୁବିନା ବକ୍ସଲା, ନାନ୍‌ସି ସରୋହା, ପୁଷ୍ପା ମାଝିଁ, ଖଲି କୁମାରୀ କିରଣ ଏକ୍କା, ସ୍ୱିଟି କୁଜୁର, ସ୍ନେହା ଦାବ୍‌ଢ଼େ, ନେସିନ୍ ନାଜ, ଶ୍ରୁତି କୁମାରୀ, ନିଲମ ଟପ୍ପୋ, ପ୍ରିୟଙ୍କା ମିଞ୍ଜ, ଦିୟା, ସନ୍ଦୀପା କୁମାରୀ, ମହକ ପରିହାର ।

# ଜିମ୍ବାୱେ ଗସ୍ତରେ ଗମ୍ଭୀରଙ୍କ ସ୍ଥାନରେ କୋଚ୍ ଦାୟିତ୍ୱ ତୁଲାଇବେ ଲକ୍ଷ୍ମଣ



ନୂଆଦିଲ୍ଲୀ: ଇଂଲଣ୍ଡ ଗସ୍ତ ଶେଷ ହେବା ପରେ ଜିମ୍ବାୱେ ଗସ୍ତରେ ଭାରତୀୟ କ୍ରିକେଟ ଟିମ ଯିବ । ୨୩ଜୁଲାଇରୁ ଏହି ଗସ୍ତ ଆରମ୍ଭ ହେବ । ଏହି ଗସ୍ତରେ ଟିମ ଇଣ୍ଡିଆ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳିବ । ରିପୋର୍ଟ ଅନୁସାରେ କୋଚିଂ ଷ୍ଟାଫ ମଧ୍ୟରେ କିଛି ଅଦଳ ବଦଳ ହେବ । ହେଡ କୋଚ ଗୌତମ ଗମ୍ଭୀର ଟିମ ଇଣ୍ଡିଆ ସହିତ ଜିମ୍ବାୱେ ଯିବେନି । ତାଙ୍କ ସ୍ଥାନରେ ସେଂଟର ଅଫ ଏକ୍ସିଲେନ୍ସର ମୁଖ୍ୟ ଭିଭିଏସ ଲକ୍ଷ୍ମଣ ଏହି ଦାୟିତ୍ୱ ତୁଲାଇବେ । ସେ ଜିମ୍ବାୱେ ଏବଂ ଏସିଆନ ଗେମ୍ସରେ ଟିମ ଇଣ୍ଡିଆର କୋଚ ରହିବେ । ଟାଇମ୍ସ ଅଫ ଇଣ୍ଡିଆରେ ପ୍ରକାଶିତ ରିପୋର୍ଟ ଅନୁସାରେ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଯୋଗୁ ବିସିସିଆଇ ଏହି ନିଷ୍ପତି ନେବାକୁ ଯାଉଛି । ଏସିଆନ ଗେମ୍ସ ସମୟରେ ଭାରତୀୟ ଟିମ ୱେଷ୍ଟଇଣ୍ଡିଜ ଗସ୍ତରେ ଯିବ । ସେଥିପାଇଁ ବିସିସିଆଇ ଭିନ୍ନ ଭିନ୍ନ କୋଚିଂ ଷ୍ଟାଫ ଟିମ ପ୍ରସ୍ତୁତ କରିବାକୁ ଚାହୁଁଛି । ଲକ୍ଷ୍ମଣଙ୍କ ସହ ସୁନୀଲ ଯୋଶୀ ଓ ହ୍ରିଷିକେଶ କାନିତକର ଯୋଗ ଦେବେ । ଏ ପର୍ଯ୍ୟନ୍ତ ଅଫିସିଆଲ କୌଣସି ଘୋଷଣା କରାଯାଇ ନାହିଁ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**